## ସଂକ୍ଷେପରେ

### କାର୍ଯ୍ୟରତ ସାମ୍ବାଦିକ ପରିଷଦ ଗଠିତ

**ଖଡ଼ିଆଲ,୨୭।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲ୍ଲା ଖଡ଼ିଆଲ କଲ୍ୟାଣ ମଣ୍ଡପ ୨0ରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖବରଦାତା ତପନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିବାବେଳେ ଖଡ଼ିଆଲ ଅଞ୍ଚଳର କାର୍ଯ୍ୟରତ ଖବରଦାତାମାନେ ବହୁସଂଖ୍ୟାରେ ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକ ପରିଷଦର ରୂପରେଖ ପ୍ରସ୍ତୁତ କରିଛନ୍ତି। ଏହାକୁ ପରିଚାଳନା କରିବା ପାଇଁ ୬ଜଣିଆ କୋର କମିଟି ଗଠନ କରାଯାଇଛି। କମିଟିର ମୁଖ୍ୟ ସଂଯୋଜକ ବରିଷ୍ଠ ଖବରଦାତା ତପନରଞ୍ଜନ ଦାସ ରହିଥିବା ବେଳେ ସହ ସଂଯୋଜକ ମୋତିଲାଲ ବାଗଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିଭଳି କମିଟି ସଦସ୍ୟ ଭାବରେ ଖବରଦାତା ପରମେଶ୍ୱର ବାରିକ, ରୁଦ୍ରରାଜ ବାଗ, ଯୋଗେଶ୍ୱର ସାଗ୍ରିଆ, ଦେବାନନ୍ଦ ଟାଣ୍ଡିଙ୍କୁ ଚୟନ କରାଯାଇଛି। ବୈଠକରେ ବିଜୟ କୁମାର ସହିସ, ଆଦିତ୍ୟ ମହାଉତି, ସୁଜିତ କୁମାର ପ୍ରଧାନ, କୁନାଲ ଚରଣ ବେହେରା, ସନ୍ତୋଷ ଦଣ୍ଡସେନା, ସତ୍ୟବ୍ରତ ଷଡ଼ଙ୍ଗୀ, ବାପିନା ସାହୁ, ଯୁଗଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଏନ୍ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବୈଠକ

**ଜୁନାଗଡ଼, ୨୭।୧୨(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ଏନ୍ଏସି ସଭାଗୃହଠାରେ ଶୁକ୍ରବାର ଏନ୍ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଜାନୁୟାରୀ ୮, ୯ ଓ ୧୦ ତାରିଖରେ କଳାହାଣ୍ଡି ଉତ୍ସବ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହା ସଭାରେ ଏନ୍ଏସି ଭାରପ୍ରାପ୍ତ ଅଧ୍ୟକ୍ଷା ହିମାଦ୍ରୀ ନାଏକ ଅଧ୍ୟକ୍ଷତା କରିଥିଲେ। ସଭାରେ ଏନ୍ଏସି ଇଓ ପ୍ରମୋଦ କୁମାର ଖିଲୋ, ପୂର୍ବତନ ଇଓ ଈଶ୍ୱର ପୂଜାରୀ, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ ପଟ୍ଟନାୟକ, ସାମାଜିକ କର୍ମୀ ଦୁର୍ଗା ନାଏକ, କଳାହାଣ୍ଡି ସାମ୍ବାଦିକ ୟୁନିୟନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ, ଜୁନାଗଡ଼ ସାମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଏଚ୍‌ପିର ସମରସତ୍ତା ରଥକୁ ଭବ୍ୟ ସ୍ୱାଗତ

**ଖଡ଼ିଆଲ,୨୭।୧୨ (ସୁଜିତ କୁମାର ପ୍ରଧାନ):** ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ସମରସତ୍ତା ରଥକୁ ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ଗ୍ରାମଠାରେ ଭବ୍ୟ ସ୍ୱାଗତ କରାଯାଇଛି। ଖୋଳ, ତାଳ କୀର୍ତ୍ତନର ତାଳେ ତାଳେ ରଥକୁ ସ୍ୱାଗତ କରାଯାଇ ରଥରେ ବିରାଜିତ ଜଗତର ନାଥ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ରଥ ସହିତ ସନ୍ଥ ଅଶୋକ ପରିରଜାକ, ସନ୍ଥ ସୁଧୀର ଚୈତନ୍ୟ, ସନ୍ଥ ନରେଶ ଦାସ ପରିଭ୍ରମଣ କରି ସତ୍‌ସଙ୍ଗ ମାଧ୍ୟମରେ ହିନ୍ଦୁମାନଙ୍କୁ ଜାଗରଣ କରୁଛନ୍ତି। ଉକ୍ତ ସଭାରେ ବିଶ୍ୱ ହିନ୍ଦୁ ପରିଷଦ, ପଶ୍ଚିମ ଓଡ଼ିଶାର ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ବାବା କିଶୋର ପଟେଲ (ବଲାଙ୍ଗୀର), ନୂଆପଡ଼ା ଜିଲ୍ଲା ସହ ସମ୍ପାଦକ ରାଜାରାମ ଗହୀର, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ବିଭୂତି ଭୂଷଣ ବିଶି, ଖଡ଼ିଆଳ ପ୍ରଖଣ୍ଡ ସମରସତ୍ତା ପ୍ରମୁଖ ନୀଳାଞ୍ଚଳ ପୋଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। କେମିତି ବନବାସୀଙ୍କୁ ଧର୍ମାନ୍ତରଣରୁ ରକ୍ଷାକରାଯିବ ଏବଂ ହିନ୍ଦୁମାନଙ୍କୁ ଏକତାର ସୂତ୍ରରେ ବାନ୍ଧିହେବ ସେ ଉପରେ ସମସ୍ତ ବକ୍ତା ଆଲୋକପାତ କରିଥିଲେ।

# ଜେଜେମା’ ପାଲଟିଛନ୍ତି ସାହାରା

**ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ୨ ଅନାଥ ଭଉଣୀଭାଇ**

**ଜୁନାଗଡ଼,୨୭।୧୨(ଅଂଶୁମାନ ଯୋଶୀ)**

ଆଜିକୁ ୩ବର୍ଷ ତଳେ ଆମେ ସାନ ହୋଇଥିବାବେଳେ ମା’ଙ୍କର ଅଜଣା ରୋଗରେ ମୃତ୍ୟୁ ହୋଇଥିଲା। ବାପା ଦାଦନ ଯାଇ ଦୁଃଖ କଷ୍ଟରେ ଆମକୁ ପାଳୁଥିଲେ। ହେଲେ ସେ ମଧ୍ୟ ଗତ ୪ ତାରିଖରେ ଛାତି ଯନ୍ତ୍ରଣା ରୋଗରେ ଆଖି ବୁଜିଦେଲେ। ଏବେ ଆମେ ଅନାଥ ହୋଇଯାଇଛୁ। ଜେଜେ ମା’ ଆମର ସାହାରା ପାଲଟିଛନ୍ତି। ସେ ମଧ୍ୟ ବୃଦ୍ଧା ଅବସ୍ଥାରେ। ଏପରିସ୍ଥଳେ ଆଗକୁ ଆମ ଭବିଷ୍ୟତ କେମିତି କଟିବ ତାହାକୁ ନେଇ ଚିନ୍ତାରେ ରହିଛୁ। ବର୍ତ୍ତମାନ ଆମେ ବଞ୍ଚିବାକୁ ଏକପ୍ରକାର ସଂଘର୍ଷ କରୁଛୁ। କୋହଭରା କଣ୍ଠରେ ଏହା କହିଛନ୍ତି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମାଟିଗାଁର ମାଧବ ପ୍ରଧାନୀ (୯) ଓ ତାଙ୍କ ଭଉଣୀ ପ୍ରିୟଙ୍କା ପ୍ରଧାନୀ (୧୨)। ଗତ ୩ ବର୍ଷ ତଳେ ତାଙ୍କ ମା’ ତ୍ରିଫଳାଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତମାସ ୪ ତାରିଖରେ ବାପା ମଦନ ଆରପାରିକୁ ଚାଲିଯାଇଛନ୍ତି। ଏହାକୁ ନେଇ ଉଭୟ ଭଉଣୀ ଭାଇ ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଗାଁ ସ୍କୁଲରେ ମାଧବ ତୃତୀୟ ଶ୍ରେଣୀରେ ପଢୁଥିବାବେଳେ ପ୍ରିୟଙ୍କା ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଏପଟେ ବୃଦ୍ଧା ବୟସରେ ନୀଳା ମା’ବାପା ଛେଉଣ୍ଡ ଉଉଣୀଭାଇଙ୍କୁ ନେଇ ଅତି କଷ୍ଟରେ ଚଳୁଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ହଜାରେ ଟଙ୍କା ଭତ୍ତା ଆଉ ଚାଉଳ ଛଡା ତାଙ୍କ ପାଖରେ କିଛି ନାହିଁ। ବଞ୍ଚିଥିବା ଯାଏଁ ୨ ନାତୁଣୀ ନାତିଙ୍କୁ ପୋଷିବାକୁ ଚେଷ୍ଟା କରିବେ। ଚାଲିଯିବା ପରେ ସେମାନଙ୍କ ଭବିଷ୍ୟତ କେଉଁ ଆଡ଼କୁ ଯିବ ତାହା ଭଗବାନ ଜାଣିବେ ବୋଲି କହନ୍ତି ଜେଜେମା ନୀଳା। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ୨ ଅନାଥ ଭଉଣୀ ଭାଇଙ୍କୁ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜେଜେମା’ଙ୍କ ସହ ୨ ଅନାଥ ଭଉଣୀ ଭାଇ।

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

**ଲାଞ୍ଜିଗଡ଼,୨୭।୧୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ପଞ୍ଚାୟତ ସମିତି ସଭାଗୃହଠାରେ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପ୍ରଥମେ ପଞ୍ଚାୟତ ସ୍ତର ପରେ ବ୍ଲକ ଏବଂ ଶେଷରେ ଜାନୁଆରୀ ୧୪ରେ ଜିଲ୍ଲାସ୍ତରରେ ପାଳନ କରାଯାଇଥାଏ। ପ୍ରସ୍ତୁତି ବୈଠକରେ ଉତ୍ସବ କିପରି ଅଧିକ ଆକର୍ଷଣୀୟ ହେବ ସେ ବିଷୟରେ ଆଲୋଚନା କରାଯାଇ ବିଡ଼ିଓ ପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ମାସ ୨୪ଠାରୁ ଜାନୁଆରୀ ୫ ତାରିଖ ଭିତରେ ବ୍ଲକର ୨୬ ଗୋଟି ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଉତ୍ସବ ପାଳନ କରାଯିବ। ଜାନୁଆରୀ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରୀୟ କାର୍ଯକ୍ରମ ଅନୁଷ୍ଠିତ ହେବ। ଏହାର ପରିଚାଳନା ପାଇଁ ମୁଖ୍ୟ କମିଟି ଓ ଉପକମିଟି ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଧାୟକ ପ୍ରତିନିଧି ପ୍ରଦିପ କୁମାର ଘଡେଇ, ଅତିରିକ୍ତ ତହସିଲଦାର ସୁରେଶ ସାହୁ, ବ୍ଲକ କୃଷି ଅଧିକାରୀ ଦେବୀପ୍ରସାଦ ପୃଷ୍ଟି, ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ବିଜୟଶ୍ରୀ ସିଂ, ଏସିଏଫ୍ ନରୋତ୍ତମ ମାଝୀ, ଜିପିଇଓ ପ୍ରଦିପ କୁମାର ଠାକୁର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରଥିଲେ।

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଥୁଆମୂଳ ରାମପୁର,୨୭।୧୨ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ସମିତି ସଭାଗୃହଠାରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତା ଓ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ତତ୍ତ୍ୱାବଧାନରେ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ଭାଜପା ନେତା ବିଷ୍ଣୁ ନାଏକ ପ୍ରମୁଖ ଉପସ୍ଥିତ ରହି ଉତ୍ସବ କିଭଳି ସରସ ସୁନ୍ଦର ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୭ ଓ ୮ ତାରିଖ ଦୁଇଦିନ ଧରି ଥୁଆମୂଳ ରାମପୁର ସଦର ବାବା ଖଣ୍ଡୁଆଳ ଖେଳ ପଡିଆଠାରେ ଉତ୍ସବ ଆୟୋଜନ ହେବ। ଏହାର ପରିଚାଳନା ପାଇଁ ଉତ୍ସବ ପାଳନ କମିଟି, ସବ୍ କମିଟି, ଅତିଥି ସମ୍ବର୍ଦ୍ଧନା କମିଟି, ମଞ୍ଚ ପରିଚାଳନା କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ବଳଭଦ୍ର ବାଗ, ଦୁର୍ଗା କୀର୍ତ୍ତି, ହିତେଶ ନାଏକଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ ପରିଚାଳନା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଅଦିନିଆ ବର୍ଷାରେ ଫସଲ ନଷ୍ଟ ଆଶଙ୍କା**

**ଭବାନୀପାଟଣା,୨୭।୧୨(ଉତ୍ତମ କୁମାର ଦାଶ)**

ଅଦିନିଆ ବର୍ଷା ଜନିତ ଫସଲ ହାନି ହୋଇଥିଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀ ବୀମା ସହାୟତା ପାଇବା ପାଇଁ ୭୨ ଘଣ୍ଟା ମଧ୍ୟରେ ‘କୃଷି ରକ୍ଷକ’ ଆପ କିମ୍ବା ହେଲ୍ପ ଲାଇନ ନମ୍ବର ୧୪୪୪୭ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଜିଲାର କୌଣସି ଯୋଗ୍ୟ ଚାଷୀ ଯେପରି ବୀମା ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେ ଦିଗରେ କ୍ଷେତ୍ର ପ୍ରଦର୍ଶନ କରି ଠିକ ରିପୋର୍ଟ ପ୍ରଦାନ କରିବା ପାଇଁ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଆଭାସୀ ମାଧ୍ୟମରେ ଜରୁରୀ ବୈଠକ କରି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲାର ବିଭିନ୍ନ ବ୍ଲକର ତହସିଲଦାର, ଆର୍ଆଇ, କୃଷି ଅଧିକାରୀ ଯୋଗଦେଇଥିଲେ। ଅଦିନିଆ ବର୍ଷାରେ ଭିଜି ଯାଇଥିବା ଧାନକୁ ଚାଷୀ ଖଳାରେ ଖରାରେ ଶୁଖାଇ ମଣ୍ଡିକୁ ନେଇ ବିକ୍ରି କରିପାରିବେ। ଏଥିପାଇଁ ଟୋକନ୍ ଅବଧି ସମୟ ସୀମା ବୃଦ୍ଧି କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଉପ ଜିଲାପାଳ ଧର୍ମଗଡ଼ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ।

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ



ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ଦୁର୍ଘଟଣାରେ ବାଇକ୍ ଚାଳକ ମୃତ**

**କୋକସରା,୨୭।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ଆମପାଣି ଥାନା ଅନ୍ତର୍ଗତ ମହାଜନଗୁଡା ଓ ଶିଉନି ମଧ୍ୟରେ ଶୁକ୍ରବାର ଏକ ଅଜଣା ଗାଡି ଧକ୍କାରେ ସ୍ଥାନୀୟ କେନ୍ଦୁଡଙ୍ଗରୀ ଗ୍ରାମର ଧବଳେଶ୍ୱର ବାଗ (୫୨) ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକମାନେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ଜଣାପଡିବା ପରେ କ୍ଷତିପୂରଣ ଦାବିକରି ମୃତକଙ୍କ ପରିଜନ ଓ ଗ୍ରାମବାସୀ ମହାଜନଗୁଡା ଓ ଶିଉନି ମଧ୍ୟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଆମପାଣି ପୋଲିସ ଓ ଆଇଆରବି ଯବାନ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ‘ଚାପମୁକ୍ତ ରୁହ, ସଫଳ ହୁଅ’

**ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆର୍ଟ ଅଫ୍ ଲିଭିଂର ଶିବିର**

**ବଲାଙ୍ଗୀର, ୨୭।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଚାପମୁକ୍ତ କୌଶଳ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଦ୍ୱାଦଶ ଶ୍ରେଣୀର ୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ଏବଂ ତାଙ୍କ ଭିତରେ ଆନନ୍ଦାନୁଭୂତି ଆଣିବା ଏହି ଶିବରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଆଜିକାଲି ପିଲାମାନେ ବିଶେଷକରି ଛାତ୍ରୀଛାତ୍ରମାନେ ଚାପଗ୍ରସ୍ତ ହେଉଛନ୍ତି। ଅଧିକ ଚାପଗ୍ରସ୍ତ ହୋଇ ପିଲାମାନେ ବିଭିନ୍ନ ସମୟରେ ଭୁଲ ପଦକ୍ଷେପ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ଏଣୁ ପିଲାଙ୍କୁ ପାଠ ଚାପମୁକ୍ତ କରିବା ଏବଂ ଖୁସିରେ ରହିବାର କୌଶଳ ଶିକ୍ଷା ପ୍ରଦାନ କରିବା ପାଇଁ ବାଙ୍ଗାଲୋରସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ବିଶ୍ୱବିଦ୍ୟାଳୟର ତିନିଜଣିଆ ପ୍ରତିନିଧି ଦଳ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଆସିଥିଲେ। ସେଠାରେ ଆୟୋଜିତ ଏକ ଚାପମୁକ୍ତ କୌଶଳ ଶିବିରରେ ଯୋଗଦାନ କରି ପ୍ରତିନିଧି ଦଳ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ରହିବା କୌଶଳ ଶିକ୍ଷାଦାନ କରିଥିଲେ। ଡାକ୍ତର ପ୍ରୀତୀଶ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଯେମିତି ଚାପମୁକ୍ତ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ। ଡାକ୍ତର ମିଶ୍ର ଓ ହରପ୍ରିୟା ମିଶ୍ର ପିଲାଙ୍କୁ ଯୋଗ ଓ ପ୍ରାଣାୟାମ ସମେତ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଆର୍ଟ ଅଫ ଲିଭିଂର ଶିକ୍ଷକ ହରପ୍ରିୟା ମିଶ୍ର, ପ୍ରଭାସିନୀ ସାହୁ, ବିଦ୍ୟାଳୟ ବରିଷ୍ଠ ଇଂରାଜୀ ଶିକ୍ଷକ ଗଜମଣି ବାଗ, ରସାୟନ ବିଭାଗ ଶିକ୍ଷୟିତ୍ରୀ ସ୍ୱାଗତିକା ବେହେରା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଝାଙ୍କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗଜମଣି ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଚାପମୁକ୍ତ କୌଶଳ ଶିକ୍ଷା କରୁଛନ୍ତି।

### ଜିଲାସ୍ତରୀୟ ସୁଶାସନ କର୍ମଶାଳା

**ଭବାନୀପାଟଣା, ୨୭।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ସୁଶାସନ କର୍ମଶାଳା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ପରମବ୍ରହ୍ମ ଯୋଷୀ ଯୋଗଦାନ କରି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ କର୍ମଶାଳା ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଲୋକଙ୍କ ସମସ୍ୟା/ଅଭିଯୋଗର ଆଶୁ ସମାଧାନ ଦିଗରେ ତତ୍ପରତା ଦେଖାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଡେ଼ପୁଟି କଲେକ୍ଟର ସତ୍ୟନାରାୟଣ ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

**କୋକସରା/ଖଡ଼ିଆଲ/ଧର୍ମଗଡ଼, ୨୭।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ/ ସୁଜିତ କୁମାର ପ୍ରଧାନ/ଆକାଶ କୁମାର ଜଗତ)**

ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଡ଼. ମନମୋହନ ସିଂଙ୍କ ବିୟୋଗରେ ଶୁକ୍ରବାର କୋକସରା ବ୍ଲକ କାର୍ଯ୍ୟାଳୟ ଓ କଂଗ୍ରେସ ଭବନରେ ଶୋକସଭା କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ ଉପସ୍ଥିତ ରହି ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେହିପରି କୋକସରା କଂଗ୍ରେସ ଭବନରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ଧଙ୍ଗଡା ମାଝୀ, କେଶବ ଚନ୍ଦ୍ର ନାଏକ, କମଳ ଲୋଚନ ନାଏକ, କାମଦେବ ଧଙ୍ଗଡା ମାଝୀ, ମହେନ୍ଦ୍ର ଧରୁଆ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି ନୂଆପଡ଼ା ଜିଲା ଖଡିଆଲ କାର୍ଯ୍ୟରତ ସାମ୍ବାଦିକ ପରିଷଦ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ କଲ୍ୟାଣ ମଣ୍ଡପ ୨0ରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ମନମୋହନ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ଦେଶର ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କର୍ମନିଯୁକ୍ତି ଯୋଜନାକୁ ଏକ ଆଇନରେ ପରିଣତ କରିଥିଲେ। ସୂଚନା ଅଧିକାର ଆଇନ, ଜଙ୍ଗଲ ଜମି ଅଧିକାର ଆଇନ ପ୍ରଣୟନ କରିଥିଲେ ବୋଲି ପରିଷଦ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ।

କଳାହାଣ୍ଡି ଜିଲା ଧର୍ମଗଡ଼ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ପ୍ରେମଲାଲ ସାଗର, ଧରଣୀଧର ଧଙ୍ଗଡାମାଝୀ, ଗୋଲୁ ନାଏକ, ମିଟୁ ନାଏକ, ସୁଲୋଚନା ବିଶି, ସୁରେଶ ଭଇଁସାଲ, ଧର୍ମଗଡ଼ ଓକିଲ ସଂଘ ସଭାପତି ତୁଷାର ରଞ୍ଜନ ପଟ୍ଟଯୋଷୀ, ଏସଟି/ଏସ ସି/ଓବିସି ଫୋରମର ଉମ୍ବରୁଧର ଲହଜଲ, ବିରଞ୍ଚି ବଣିଆ ପ୍ରମୁଖ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଭାରତ ଜଣେ ଦୂରଦର୍ଶୀ ନେତା, ପ୍ରସିଦ୍ଧ ଅର୍ଥନୀତିଜ୍ଞଙ୍କୁ ହରାଇଛି ବୋଲି ଓକିଲ ସଂଘ ସଭାପତି ପଟ୍ଟଯୋଷୀ ପ୍ରକାଶ କରିଥିଲେ।

# ଆବାସ ଗୃହ ଲୋକାର୍ପଣ ଉତ୍ସବରେ ଯୋଗଦେଲେ ଜିଲାପାଳ

**ନୂଆପଡ଼ା,୨୭।୧୨ (ମକାରୁ ବେମାଲ)**

କୋମନା ବ୍ଲକ ସୁନାବେଡା ଓ ଗାତିବେଡା ଗାଁରେ ପ୍ରଧାନମନ୍ତ୍ରୀ ଜନମନ ଆବାସ ଯୋଜନାରେ ନିର୍ମାଣ ହୋଇଥିବା ନବନିର୍ମିତ ବାସଗୃହ ଲୋକାର୍ପଣ ହୋଇ ଯାଇଛି। କୋମନା ବିଡିଓ ହେମନ୍ତ କୁମାର ପୁଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ବନ୍ୟଜନ୍ତୁ ବିଭାଗ ଡିଏଫ୍‌ଓ ମହାଦେବ ବୁଡାଇକ, ଚକୋଟିଆ ଭୂଞ୍ଜିଆ ସ୍ୱତନ୍ତ୍ର ଅଧିକାରୀ ବିଜୟାନନ୍ଦ ମଲ୍ଲିକ, ସୁନାବେଡା ସରପଞ୍ଚ ରଜନୀ ଜଗତ, ସମିତି ସଭ୍ୟ ହେମଲାଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସରରେ ସୁନାବେଡା ଗାଁର ମନିରାମ ମାଝି, ବାବୁଲାଲ ମାଝି, ସୁମନି ମାଝି, ମୋହନ ଲାଲ ବର୍ଗେ, ବୁଏନ୍ତ୍ରିନ ବାଈ, ତୁଲସିରାମ ମାଝି, ପ୍ରେମଲାଲ ଛତ୍ରିଆ ପ୍ରମୁଖଙ୍କ ଘରକୁ ଯାଇ ନିଜେ ଜିଲାପାଳ ଗୃହ ପ୍ରବେଶ କରାଇଥିଲେ। ୧୨୦ ଦିନରେ ଘର ସମ୍ପୂର୍ଣ୍ଣ କରିଥିବାରୁ ସୁନାବେଡାର ମୋହନଲାଲ ବର୍ଗେ, ପ୍ରେମଲାଲ ଛତ୍ରିଆ, ଭୋଜଲାଲ ଚିନ୍ଦା, ଗାତିବେଡାର ପାଞ୍ଚବାଈ ରାଉତ, ଦେବଗନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩ ଶହ ଦିନ କାମ କରିଥିବା ଗାତିବେଡାର ଜାଜସିଂ ମାଝି, ନଳକୁ ରାମ ମାଝି, ସୁନାବେଡାର ଝିଙ୍ଗର ଦଣ୍ଡସେନା, ଡେକୁନପାଣିର ବୁଧୁରାମ ରାଉତ, କୋଟ୍ରାବେଡାର ଜୟଲାଲ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାର ଆଦିବାସୀଙ୍କ ପାଇଁ ବହୁ ଯୋଜନା କରିଛନ୍ତି । ଏହାର ଲାଭ ଉଠାଇବାକୁ ଜିଲାପାଳ ଆହ୍ୱାନ କରିଛନ୍ତି । କୋମନା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୪୪ବର୍ଷ ପରେ ବି ମିଳୁନି ସ୍ଥାୟୀ ପଟ୍ଟା

**ଚିନ୍ତାରେ ରେଗଡ଼ା କଲୋନି ପଡ଼ାବାସୀ**

**କର୍ଲାମୁଣ୍ଡା,୨୭।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ରେଗଡା କଲୋନି ପଡ଼ାରେ ରହିବାର ୪୪ବର୍ଷ ବିତିଯାଇଥିଲେ ମଧ୍ୟ ସ୍ଥାୟୀ ପଟ୍ଟା ମିଳୁ ନ ଥିବାରୁ ପଡ଼ାବାସୀ ଚିନ୍ତାରେ ଅଛନ୍ତି। ଏହାକୁ ନେଇ ପଡ଼ାବାସୀ ଆସନ୍ତା ସୋମବାର କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ସଜବାଜ ହେଉଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ରେଗଡା ବସ୍ତିରେ ରହୁଥିବା ଲୋକେ ଭୂମିହୀନ ହୋଇଥିବାରୁ ପର ଘରେ ଆଶ୍ରୟ ନେଉଥିଲେ। ତେବେ ୧୯୮୦ରେ ତତ୍କାଳୀନ ରାଜ୍ୟ ସରକାର ରେଗଡ଼ାର ରଜାପଡ଼ାଠାରେ ସ୍ୱତନ୍ତ୍ର କଲୋନିପଡ଼ା ସ୍ଥାପନ କରି ୧୩ ପରିବାରକୁ ବାସଗୃହ ଯୋଗାଇ ଦେଇଥିଲେ। ସେହି ପରିବାର ହେଲେ ଗୋପାଳ କୁମାର, ହେମାନ୍ଦ୍ର ବାଗ, ବେଲାର ସିଙ୍ଗ, ଚତ୍ରୁ ବାଗ, ପିତାମ୍ବର ବାଗ, ମହେଶ୍ୱର ବାରିକ, ଛୋଟାଲାଲ ସୁନା, କୁମାରୀ ବେଞ୍ଜ, ନାରଦ ସୁନା, ଫକୀର ନାଗ, ପ୍ୟାରୀ ସୁନା, ହୃଷୀ ନାଗ, ଭୀମ ନାଗ ପ୍ରମୁଖ। ଏହାବ୍ୟତୀତ କିଛି ଲୋକଙ୍କୁ ସେହି ସ୍ଥାନରେ ହିଁ ଘରଡିହ ପଟ୍ଟା ଯୋଗାଇଦେଇଥିଲେ। ତେବେ ସେହି ପଟ୍ଟାରେ ଥିବା ପ୍ଲଟଗୁଡିକ ରେକର୍ଡରେ ଏବେ ଗୋଚର ଜମି ସୂଚିତ କରୁଥିବାରୁ ପଟ୍ଟା ପାଇଥିବା ଗରିବ ପରିବାର ଚିନ୍ତାରେ ଥିବା କହିଛନ୍ତି। ଅନ୍ୟ ପଟେ ଏହି ୧୩ ପରିବାର ରହିବା ପରେ ବର୍ତ୍ତମାନ ଏହି କଲୋନିରେ ଆଦିବାସୀ, ହରିଜନ, ଓବିସି ବର୍ଗର ପ୍ରାୟ ୬୫ ପରିବାର ବସବାସ କରୁଛନ୍ତି। ଏହି କଲୋନି ପଡ଼ାବାସୀଙ୍କୁ ସରକାର ସ୍ଥାୟୀ ଘରଡିହ ପଟ୍ଟା ଯୋଗାଇବା ଦିଗରେ ପଦକ୍ଷେପ ନେବା ଉଚିତ ବୋଲି କର୍ଲାମୁଣ୍ଡା ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ କହିଛନ୍ତି। ଏ ନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ଯଦି ସେମାନେ ପଟ୍ଟା ପାଇଛନ୍ତି ସେଟ୍‌ଲମେଣ୍ଟ ରିଭିଜନ ପିଟିସନ (ଏସ୍‌ଆର୍‌ପି) ଆବେଦନ କରିପାରିବେ ବୋଲି କହିଛନ୍ତି।



କଲୋନିପଡ଼ା ଗ୍ରାମବାସୀ।

## ସଂକ୍ଷେପରେ

### ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହର ଉପକଣ୍ଠ ବରହମଚାରୀ ଧାନକ୍ଷେତରେ ଥିବା ଧାନଗଦା (ଧାନଖରି)ରେ ଶୁକ୍ରବାର ଭୋର୍‌ରୁ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଚାଷୀ କୃଷ୍ଣ ବରିହା ଏବଂ ତ୍ରିଲୋଚନ ପାଣିଗ୍ରାହୀଙ୍କ ପ୍ରାୟ ୨ଏକର ଜମିର ଧାନଗଦା ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଚାଷୀ ଭାଙ୍ଗି ପଡ଼ିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ୨ଚାଷୀ ଶ୍ରମିକ ଲଗାଇ ବିଲରୁ ଧାନ କାଟି ତାକୁ ବିଲରେ ଗଦା କରି ରଖିଥିଲେ। ତେବେ ଧାନଗଦା ହୁ ହୁ ହୋଇ ଜଳୁଥିବା ଖବର ପାଇଁ ସମ୍ପୃକ୍ତ ଚାଷୀ ଏବଂ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଏହାସହିତ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ସବୁ ଧାନ ପାଉଁଶ ହୋଇ ସାରିଥିଲା।

### ନୂପୁରଙ୍କୁ ମିଳିଲା ବ୍ରୋଞ୍ଜ ପଦକ



**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ):** ମଧ୍ୟପ୍ରଦେଶର ଦେବାସ ଜିଲାରେ ଗତ ୨୦ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବରଗଡ଼ ବିଜୟ ଟାଏକୋଣ୍ଡୋ ଏକାଡ଼େମୀର ଛାତ୍ରୀ ନୁପୁର ଠାକୁର ଅଂଶଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ନୁପୁରଙ୍କୁ ବରଗଡ଼ରେ ସମ୍ବର୍ଦ୍ଧିତ କରାଯାଇଛି। ନୁପୁର ଶୁକ୍ରବାର ବରଗଡ଼ରେ ପହଞ୍ଚିବା ପରେ କୋଚ୍ ବିଜୟ କୁମାର ଭୋଇ, ଓଡ଼ିଶା ଟାଏକୋଣ୍ଡୋ ସଂଘ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ, ବରଗଡ଼ ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ନବକିଶୋର ପାଣିଗ୍ରାହୀ, ଉପସଭାପତି ଆଶୁତୋଷ ରଥ, ଶ୍ରୀୟା ମିଶ୍ର ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

### ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ପୁରୀ,୨୭।୧୨(ଅଜିତ୍ କୁମାର ମହାନ୍ତି):** ପୁରୀ ସମୁଦ୍ରରେ ଗୁରୁବାର ଗାଧୋଉଥିବାବେଳେ ବରଗଡ଼ ଜିଲାର ଶୁଭ ପାତ୍ର ନାମକ ଯୁବକ ଭାସିଯାଇ ନିଖୋଜ ଥିଲେ। ଶୁକ୍ରବାର ଦିଗବାରେଣୀ ଖୁଣ୍ଟି ନିକଟ ସମୁଦ୍ରରୁ ତାଙ୍କ ମୃତଦେହ ମିଳିଛି। ଶୁଭ ତାଙ୍କ ସାଙ୍ଗମାନଙ୍କ ସହ ଏକ ପ୍ରତିଯୋଗିତାରେ ଭାଗ ନେବାକୁ କୋଣାର୍କ ଆସିଥିଲେ। ତାଙ୍କର ପ୍ରତିଯୋଗିତା ଶୁକ୍ରବାର ଥିବାରୁ ସେ ଗୁରୁବାର ପୁରୀ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ଚକ୍ରତୀର୍ଥ ବେଳାଭୂମି ନିକଟ ସମୁଦ୍ରରେ ସେ ଗାଧୋଉଥିବା ବେଳେ ଭାସିଯାଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।



ଅତିରିକ୍ତ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଚାଷୀଙ୍କ ଆଲୋଚନା।

# ଚାଷୀ–ପ୍ରଶାସନ ଆଲୋଚନା ବିଫଳ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)**

- ମଣ୍ଡିରୁ ଉଠୁନି ଧାନ, ଚାଷୀ ହଟହଟା
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା
- ଧାନ ଉଠାଣ ସ୍ୱାଭାବିକ ନ ହେବା ଯାଏ ଧାରଣା

ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୁକ୍ରବାର ୫ସପ୍ତାହ ପୂରିଛି। ଅଥଚ ଧାନ କିଣାବିକା ସମସ୍ୟାରେ ସୁଧାର ଆସିନାହିଁ। ନାନା ଆଳ ଦେଖାଇ ବିଭିନ୍ନ ମଣ୍ଡିରୁ ଧାନ ଉଠାଣ କରାଯାଉନାହିଁ। କେଉଁଠି ଟୋକନ କଟକଣା ତ ଆଉ କେଉଁଠି କଟନୀଛଟନୀ ଆଳ କରାଯାଉଛି। ସେହିପରି କେତେକ ମଣ୍ଡିକୁ ମିଲର୍ସ ଆସୁନାହାନ୍ତି। ଫଳରେ ଜିଲାର ଅନେକ ମଣ୍ଡିରେ ବହୁ ପରିମାଣର ଧାନ ପଡ଼ିରହିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାରଠାରୁ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ ଜିଲାର ପ୍ରତ୍ୟେକ ମଣ୍ଡିରୁ ଯେତେଦିନ ପର୍ଯ୍ୟନ୍ତ ଧାନ ଉଠାଣ ପ୍ରକ୍ରିୟା ସ୍ୱାଭାବିକ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଆସନ୍ତା ସୋମବାର ସୁଦ୍ଧା ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରା ନ ଗଲେ ଚାଷୀମାନେ ରାସ୍ତା ଉପରେ ଧାନ ଗଦା କରିବା ସହିତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅଚଳ କରି ଦେବାକୁ ବାଧ ହେବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

ଗତ ନଭେମ୍ବର ୨୦ତାରିଖରୁ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକ ଖୋଲିବା ପରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଟୋକନରେ ନିର୍ଦ୍ଧାରିତ ଦିବସ ଅନୁସାରେ ମଣ୍ଡିକୁ ଧାନ ଆଣୁଛନ୍ତି। କିନ୍ତୁ ନାନା ଆଳ ଦେଖାଇ ଧାନ ଉଠାଣ କରାଯାଉ ନ ଥିବାରୁ ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡ଼ିରହିଛି। ଅନ୍ୟପଟେ କଟନୀଛଟନୀ କିମ୍ବା ହାତଗୁଞ୍ଜା ଦେଇ ଫଲ୍ସ ଏଣ୍ଟ୍ରିରେ ରାଜି ହେଲେ ଧାନ ମଣ୍ଡିକୁ ନ ଆସି ସିଧାସଳଖ ବିଭିନ୍ନ ରାଇସ ମିଲକୁ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ମଣ୍ଡିକୁ ବିକ୍ରି ପାଇଁ ଧାନ ଆଣିଥିବା ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇ ପାରୁ ନ ଥିବାବେଳେ ପରିବାର ଗୁଜୁରାଣ ଏବଂ ଋଣ ପରିଶୋଧ କ୍ଷେତ୍ରରେ ମଧ ହଟହଟା ହେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି।

ତେବେ ଏଭଳି ସମସ୍ୟା ନେଇ ଚାଷୀମାନେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନ ଉଠାଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଛନ୍ତି। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ଉପେନ୍ନ କୁମାର ଭୋଇ, ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଉଥିବାବେଳେ ଧାରଣାରେ ବିଭିନ୍ନ ଅଞ୍ଚଳର ଚାଷୀମାନେ ସାମିଲ ଅଛନ୍ତି।

# ୧ରୁ ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହ

**ସୋନପୁର,୨୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**





ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

- ଭାଗ ନେବେ ୨୦ ସାଂସ୍କୃତିକ ଦଳର ୬୦୦ କଳାକାର
- ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ
- ସନାତନ, ସୁଜାତା, ଗଙ୍ଗାଧର ଓ ଗୁପ୍ତେଶ୍ୱରଙ୍କୁ ସ୍ୱତନ୍ତ୍ର ସମ୍ମାନ

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଁଏରୀ ପକ୍ଷରୁ ଜାତୀୟ ପାରମ୍ପରିକ ଲୋକନୃତ୍ୟ, ବାଦ୍ୟ ଓ ସଙ୍ଗୀତ ଉତ୍ସବ ପଏଁରୀ ତିହାର–୨୦୨୫ ସୋନପୁର ପୁରୁଣା ଟାଉନ ହଲରେ ଆୟୋଜିତ ହେବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଏହି ଉତ୍ସବ ପାଳନ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୨୫ତମ ରୌପ୍ୟ ଜୟନ୍ତୀ ସମାରୋହ ଜାନୁୟାରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ଶୁକ୍ରବାର ଅନୁଷ୍ଠାନର କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତବର୍ଷ ଜିଲାର ଲୋକ କଳାକାର ତଥା ରାଜ୍ୟ ବାହାର କଳାକାରମାନେ ସେମାନଙ୍କର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ସମ୍ପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତା, ଜିଲାର ପାରମ୍ପରିକ କଳାକାରଙ୍କୁ ନେଇ ୧ତାରିଖ ପୂର୍ବାହ୍ନରେ ମା’ ସୁରେଶ୍ୱରୀଙ୍କ ଠାରେ ପୂଜା ଅର୍ଚ୍ଚନା ସହିତ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଏହି ଉତ୍ସବକୁ ବରିଷ୍ଠ କଳାକାର କରମଚାନ୍ଦ ମହାନ୍ତି ଉଦ୍‌ଘାଟନ କରିବେ। ୩ ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରର ୨୦ଟି ସାଂସ୍କୃତିକ ଅନୁଷ୍ଠାନର ପ୍ରାୟ ୬୦୦ କଳାକାର ସାମିଲ ହେବେ। ସେହିପରି କଳା, ସଂସ୍କୃତି ପାଇଁ ଜୀବନ ବ୍ୟାପି ସାଧନା କରିଥିବା ଦଣ୍ଡ କଳାକାର ସନାତନ ରଣବିଡାଙ୍କୁ କୁନ୍ଦୁରୁ କୁଶଳ ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ସୁଜାତା ଗିରିଙ୍କୁ ବୃନ୍ଦାବନ ନାଏକ ସ୍ମୃତି ସମ୍ମାନ, ବାଦ୍ୟକାର ଗଙ୍ଗାଧର ଗର୍ଡିଆଙ୍କୁ ପୁରନ୍ଦର ବାରିକ୍ ସ୍ମୃତି ସମ୍ମାନ ଓ ଗୁପ୍ତେଶ୍ୱର ଖେତିଙ୍କୁ ପଏଁରୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଜିଲାର ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଉପସଭାପତି ପ୍ରଫୁଲ୍ଲ ନାଏକ ଓ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଫ୍ରେଣ୍ଡସ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ: ଦେଉଳମୁଣ୍ଡା ଚାମ୍ପିୟନ

**ଅମରପାଲି,୨୭।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଟିଁପିପାଲିଠାରେ ଚାଲିଥିବା ୧୦ମ ଫ୍ରେଣ୍ଡସ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚର ପ୍ରଥମ ଫର୍ମାଟରେ ଉଫୁଲା ଦଳ ଦେଉଳମୁଣ୍ଡାକୁ ଏବଂ ଦ୍ୱିତୀୟ ଫର୍ମାଟରେ ଦେଉଳମୁଣ୍ଡା ଦଳ ଉଫୁଲାକୁ ପରାସ୍ତ କରିଥିଲା। ତୃତୀୟ ଫର୍ମାଟରେ ଦେଉଳମୁଣ୍ଡା ଦଳ ୨ ଓଭରରେ ୩୨ ରନ ସଂଗ୍ରହ କରିଥିଲା। ଏହା ଜବାବରେ ଉଫୁଲା ଦଳ ନିର୍ଦ୍ଧାରିତ ୨ ଓଭରରେ ୨୨ରନ କରି ପରାଜିତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏବଂ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦେଉଳମୁଣ୍ଡା ଦଳର ରୁବୁନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ରାହୁଲଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଆଲୋକ ଏବଂ ମାନସ ଖେଳ ପରିଚାଳନା କରିଥିଲେ।

### ବ୍ଲକ୍ ବାରିକ ସମାଜର ବାର୍ଷିକୋତ୍ସବ

**ସରଣ୍ଡା, ୨୭।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କାଠଡେରାଠାରେ ଶୁକ୍ରବାର ବ୍ଲକ ବାରିକ ସମାଜର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବାରିକ ସମାଜ ସଭାପତି ହାରାଧନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ରୋହିତ ବାରିକ, ଜିଲା ସମ୍ପାଦକ ଘନଶ୍ୟାମ ବାରିକ, ଜୋନ ସଭାପତି ଗୋଲବଦନ ପଶାୟତ, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ବାରିକ, ଆଇନ ପରାମର୍ଶଦାତା ଅଶୋକ ପଶାୟତ, ବ୍ଲକ କାର୍ଯ୍ୟକାରୀ ସଭାପତି ରଘୁନାଥ ବାରିକ, ଜିଲା ବାରିକ ସମାଜର ସଭାନେତ୍ରୀ ଶୁଶିଳା ପଶାୟତ, ସମାଜସେବୀ ତୁଳାରାମ ବାରିକ, ବରିଷ୍ଠ ସଦସ୍ୟ ଗଜରାଜ ରାଉତ, ସତ୍ୟ ପଶାୟତ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସମ୍ପାଦକ କାର୍ତ୍ତିକ ପଶାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବାରିକ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷା ଦିଗ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ବାରିକ ସମାଜର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।



ବାରିକ ସମାଜର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ୧୧ତମ ସୁରୁତା ଉତ୍ସବ

**ଗାଇସିଲେଟ,୨୭।୧୨ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟରେ ସମ୍ବଲପୁରୀ (କୋଶଳ) ଗାୟକ ସ୍ୱର୍ଗତ ଫକୀର ପଟ୍ଟନାୟକଙ୍କ ୧୧ ତମ ସୁରତା (ଶ୍ରୁତି) ଉତ୍ସବ ଗାଇସିଲେଟ ୟୁଥ କ୍ଲବଠାରେ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ନୁପୁର କ୍ଲବ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ନୁପୁର କ୍ଲବ ଉଦ୍ୟୋକ୍ତା ପରମାନନ୍ଦ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବାଲକିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋକୁଳାନନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିଲେ। ସଭାରେ ବରଗଡ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ମୁଖ୍ୟ ଅତିଥି, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଗାଇସିଲେଟ ସରପଞ୍ଚ ଶରତ କାଲୋ, ୟୁଥ୍ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ଡା. ସୁନିଲ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଡାଲଖାଇ ନୃତ୍ୟଶିଳ୍ପୀ ବେଟୀଖାଇ ବରିହା, କଳାଗ୍ରାମ ଉଦ୍ୟୋକ୍ତା ରବିରତନ ସାହୁ, ସମ୍ବଲପୁରୀ ସଙ୍ଗୀତ ସାଧକ ତୁଳାରାମ କଲେତ ଓ ନାଟ୍ୟକାର କୁମୁଦ ଚନ୍ଦ୍ର ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ନୁପୁର କ୍ଲବ ସଦସ୍ୟ ଅଜିତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।





ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

### ଗୋଧନ କେନ୍ଦ୍ର ପ୍ରକଳ୍ପ ଉଦ୍‌ଘାଟନ

**ଝାରବନ୍ଧ,୨୭।୧୨(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଭଣ୍ଡାରପୁରୀର ରାଧାଗୋବିନ୍ଦ ଗୋଶାଳାଠାରେ ନବନିର୍ମିତ ଗୋଧନ କେନ୍ଦ୍ରକୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ବ୍ଲକ ପ୍ରାଣୀଧନ ଅଧିକାରୀ ସମୀର କୁମାର ଖମାରୀ, ପ୍ରାଣୀଧନ ସହକାରୀ ଅଧିକାରୀ ଆଲୋକ ରଞ୍ଜନ ମେହେର, ଛୋଟଅନକି ସରପଞ୍ଚ ଚିନ୍ତାମଣି ରାଉତ, ସମିତି ସଭ୍ୟ ସତ୍ୟମ ପ୍ରଧାନ, କ୍ଷୀରସାଗର ସାହୁ, ହରିହର ସାହୁ, ତୁକାରାମ ପଟେଲ, ସାମାଜିକ କର୍ମୀ ଗୋବିନ୍ଦ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ଗୋମାତାର ସୁରକ୍ଷା ପାଇଁ ସରକାରଙ୍କ ସହ ସମସ୍ତ ଜନସାଧାରଣ ସାମିଲ ହେବା ଆବଶ୍ୟକ ବୋଲି ଏମ୍‌ପି ମତବ୍ୟକ୍ତ କରିଥିଲେ। ପଦ୍ମନ ରଣା ସଭା କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ଗୋଶାଳା ସଞ୍ଚାଳକ ବେଣୁଧର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଛିନ୍ଦେଇକେଲା କ୍ରିକେଟ କପ୍: ସମ୍ବଲପୁରକୁ ହରାଇ ସେମିରେ ରାଞ୍ଚି

**ପାଇକମାଳ,୨୭।୧୨(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲାସ୍ଥିତ ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୮ତମ ସର୍ବଭାରତୀୟ ସାଧୁଚରଣ ମେମୋରିଆଲ ଛିନ୍ଦେଇକେଲା କ୍ରିକେଟ କପ୍ ଗ୍ରୁପ୍ ବି ପର୍ଯ୍ୟାୟର ତୃତୀୟ ଲିଗ୍ ମ୍ୟାଚ୍‌ରେ ରାଞ୍ଚି ମେକନ ସମ୍ବଲପୁର ଫୋର୍ସକୁ ୪୨ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏଥିରେ ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟ ଅତିଥି ଓ ଡ. ଲଳିତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଞ୍ଚି ମେକନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭୀଷ୍ମ କୁମାର ୯୮, ଅନିବନ ଚାଟାର୍ଜୀ ୫୩ ଓ କୁମାର ଶାନ୍ତ ୩୭ ରନ୍ ସଂଗ୍ରହ କରିଥିଲେ। ସମ୍ବଲପୁର ଫୋର୍ସ ଦଳରୁ ସମ୍ବିତ ମହାପାତ୍ର ୨ ଉଇକେଟ, ହ୍ରିତିକ ପଟେଲ, ବିମଳ କରମଲକର ଓ ଶରତ କୁମାର ମୁଣ୍ଡା ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ୨୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ସମ୍ବଲପୁର ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରାଞ୍ଚି ୪୨ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳରୁ ସଙ୍କଟ ମୋଚନ ତ୍ରିପାଠୀ ୪ ଉଇକେଟ, ଗୌରବ କୁମାର ୨ ଉଇକେଟ, ଆଶିଷ ସିଂ, ଶିତ କୁମାର ଓ ଭୀଷ୍ମ କୁମାର ୧ ଲେଖାଏଁ ଉଇକେଟ ନେଇଥିଲେ। ଓସିଏ ଅମ୍ପାୟର ସଞ୍ଜୟ ନାୟକ ଓ ଅକ୍ଷୟ ସାହାଣୀ ଖେଳ ପରିଚାଳନା କରିଥିଲେ। ସୁନିଲ ସାହୁ, କବିରାଜ ସାହୁ ଓ ଅନୁପମ ସାହୁ ସ୍କୋରର ଥିବାବେଳେ ପତିତପାବନ ସାହୁ, ରମେଶ ଚନ୍ଦ୍ର ସାହୁ, ଦିଲୀପ କୁମାର ଓ ପ୍ରହ୍ଲାଦ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବ୍ୟବସାୟୀ ଦିଲୀପ କୁମାର ସାହୁ ମୁଖ୍ୟ ଅତିଥି ଏବଂ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ଧରୁଆ ଓ ପ୍ରଫୁଲ୍ଲ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଞ୍ଚି ମେକନ ଦଳର ଭୀଷ୍ମ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ପତିତପାବନ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ଜତୀନ ସାହୁ, ସମ୍ପାଦକ କାହ୍ନୁ ଚରଣ ସାହୁ, କୋଷାଧ୍ୟକ୍ଷ ମଣ୍ଟୁ ସାହୁ, ଉପଦେଷ୍ଟା ହେମସାଗର ସାହୁ, ରୋହିତ ସାହୁ, ବିନନ୍ଦ ସାହୁ, ଶୁଶାନ୍ତ ସାହୁ, ସ୍ୱତନ୍ତ୍ର ସାହୁ, ପ୍ରମୋଦ ସାହୁ, ସଭ୍ୟ ଆକାଶ ସାହୁ, ବୁନିଲ ସାହୁ, ସିପୁନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଶେଷ ଲିଗ୍ ମ୍ୟାଚ୍ କଟକ ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ଆନନ୍ଦ ସାହୁ ସୂଚନା ଦେଇଛନ୍ତି।





ଭୀଷ୍ମ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି।

# ହଟୁନି ଜବରଦଖଲ, ଚାଲିଛି ବେଆଇନ ପାର୍କିଂ

**ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)**



ଲେଙ୍ଗୁ ମିଶ୍ର ଛକ–ଜିରା ବ୍ରିଜ୍ ରାସ୍ତାର ଧର୍ମଶାଳା ଛକରେ ରାସ୍ତାରୋକୋ କରାଯାଇଛି।

- ରାସ୍ତାରେ ବଢ଼ି ଚାଲିଛି ଟ୍ରାଫିକ ସମସ୍ୟା
- ରାସ୍ତାରୋକୋ କଲେ ସଚେତନ ଯୁବକ

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ହଟାଇବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଉଚ୍ଚ ନ୍ୟାୟାଳୟ ମଧ୍ୟ ଉଚ୍ଛେଦ ସପକ୍ଷରେ ରାୟ ଦେଇଛନ୍ତି। ଏଭଳି ସ୍ଥଳେ ପ୍ରଶାସନ ସମ୍ପୃକ୍ତ ଜବରଦଖଲକୁ ଉଚ୍ଛେଦ କରିବା ବଦଳରେ ହାତ ବାନ୍ଧି ବସିଛି। ଅନ୍ୟପଟେ ଉକ୍ତ ରାସ୍ତାରେ ଗାଡ଼ି ମୋଟର ବେଆଇନ ପାର୍କିଂ ହେଉଛି। ଫଳରେ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହୋଇପଡୁଛି। ଏହାର ପ୍ରତିବାଦରେ ସ୍ଥାନୀୟ ସଚେତନ ଯୁବକମାନେ ଶୁକ୍ରବାର ବାଇକ୍ ରଖି ରାସ୍ତା ଅବରୋଧ କରିଥିଲେ। ପରେ ପୋଲିସ ଆନ୍ଦୋଳନସ୍ଥଳରେ ପହଞ୍ଚି ଏଣିକି ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଯୁବକମାନେ ରାସ୍ତା ଅବରୋଧରୁ ହଟିଥିଲେ।

ପ୍ରକାଶ ଯେ, ବରଗଡ଼ ସହର ଲେଙ୍ଗୁ ମିଶ୍ର–ଜିରା ବ୍ରିଜ୍ ଦେଇ ଯାଇଥିବା ରାସ୍ତା ଅମ୍ବାପାଲି ଏବଂ ବଲାଙ୍ଗୀର ରାସ୍ତାକୁ ସଂଯୋଗ କରୁଛି। ଫଳରେ ଏହି ରାସ୍ତା ଉପରେ ଅନେକ ଲୋକ ନିର୍ଭର କରୁଛନ୍ତି। ତେବେ ଉକ୍ତ ରାସ୍ତା ଜବରଦଖଲ ଯୋଗୁ ଦିନକୁ ଦିନ ସଙ୍କୁଚିତ ହୋଇ ପଡୁଛି ଏବଂ ଟ୍ରାଫିକ ସମସ୍ୟା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଫଳରେ ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘଦିନର ଦାବି ରହିଛି। କିନ୍ତୁ ପ୍ରଶାସନ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରୁନାହିଁ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସହରବାସୀଙ୍କ ଦୃଢ଼ ଦାବି ପରେ ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଘଟଣାଟି ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା। ଉଚ୍ଚ ନ୍ୟାୟାଳୟ ମଧ୍ୟ ବର୍ଷକ ମଧ୍ୟରେ ୨ଥର ଉଚ୍ଛେଦ ସପକ୍ଷରେ ରାୟ ଦେଇସାରିଛନ୍ତି। ତଥାପି ପ୍ରଶାସନ ହାତ ବାନ୍ଧି ବସିଥିବାବେଳେ ରାସ୍ତା ଉପରେ ବେଆଇନ ପାର୍କିଂ ଜନ ଅସନ୍ତୋଷକୁ ତୀବ୍ର କରିବାରେ ଲାଗିଛି।

ଲେଙ୍ଗୁ ମିଶ୍ର ଛକ–ଜିରା ବ୍ରିଜ୍ ରାସ୍ତା ଜବରଦଖଲ ଉଚ୍ଛେଦକୁ ନେଇ ନୀରବ ଦ୍ରଷ୍ଟା ସାଜିଥିବା ପ୍ରଶାସନ ଗୁରୁବାର ଜିରା ନଦୀ କୂଳ ଅମ୍ବାପାଲିର ସରକାରୀ ଜମିରେ ନିର୍ମିତ ୨ବୃଦ୍ଧାଙ୍କ ଘର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ଲେଙ୍ଗୁ ମିଶ୍ର ଛକ–ଜିରା ବ୍ରିଜ୍ ରାସ୍ତା ଜବରଦଖଲରେ ବହୁ ପ୍ରତିପତ୍ତିଶାଳୀ ବ୍ୟକ୍ତି ସମ୍ପୃକ୍ତ ଥିବାରୁ ପ୍ରଶାସନ ସେଠାରେ ନିର୍ମିତ କୋଠାବାଡ଼ିକୁ ଉଚ୍ଛେଦ କରୁନାହିଁ। ଅନ୍ୟପଟେ ଗରିବ ବୃଦ୍ଧାଙ୍କ ଘରକୁ ବୁଲଡୋଜର ଲଗାଇ ଭାଙ୍ଗିବା ପାଇଁ ଆଗେଇ ଆସିବା ଘଟଣାକୁ ମଧ୍ୟ ସହରବାସୀଙ୍କୁ ଚକିତ କରିଛି। ଉଚ୍ଛେଦ ପ୍ରକ୍ରିୟାରେ ଏଭଳି ଆଭିମୁଖ୍ୟ ନେଇ ବରଗଡ଼ ପ୍ରଶାସନକୁ ସୋସିଆଲ ମିଡ଼ିଆରେ ସମାଲୋଚନା କରାଯିବା ଘଟଣା ମଧ ଚର୍ଚ୍ଚାର ବିଷୟ ହୋଇଛି।

# ମ୍ୟୁଜିକ୍ ସେଲିବ୍ରେଶନ ଓଲ୍ଡ ଇଜ୍ ଗୋଲ୍ଡ

ରାଉରକେଲା,୨୭।୧୨(ଦିନେଶ ମିଶ୍ର): ରାଉରକେଲା ସହରର ଅନ୍ୟତମ ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକ ସେଲିବ୍ରେଶନ ପକ୍ଷରୁ ଓଲ୍ଡ ଇଜ୍ ଗୋଲ୍ଡ କାର୍ଯ୍ୟକ୍ରମ ସେକ୍ଟର-୧୯ସ୍ଥିତ ରାଉରକେଲା କ୍ଲବଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ହିମାଂଶୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମାଜସେବୀ ନିହାର ରାୟ, ଶୈଳେନ୍ଦ୍ର ମହାନ୍ତି ଓ ଜ୍ୟୋତିପ୍ରକାଶ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ନନ୍ଦନ ମୁଖାର୍ଜୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋର କୁମାର, ମହମ୍ମଦ ରଫି, ଏସ୍. ବାଲସୁବ୍ରମନ୍ୟମ୍, ଶୈଳେନ୍ଦ୍ର ସିଂ, ଆଶା ଭୋଁସଲେ, ଲତା ମଙ୍ଗେସକର, କୁମାର ସାନୁଙ୍କ ଗୀତଗୁଡିକ ସୁମଧୁର କଣ୍ଠରେ କଳାକାରମାନେ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତିରେଖା ନାୟକ, ଶ୍ରାବଣୀ ମହାନ୍ତି, ବଟକୃଷ୍ଣ ସାହୁ, ନନ୍ଦନ ମୁଖାର୍ଜୀ, ଶ୍ରୀକାନ୍ତ ଚୌଧୁରୀ, ବିମଳ ପଟ୍ଟନାୟକ, ମୀନା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଗୋରୁଚାଲାଣ ଯୋଗୁ କମୁଛି ଦୁଗ୍ଧ ଉତ୍ପାଦନ

ରାଉରକେଲା,୨୭।୧୨(ବିପ୍ଲବ ରଞ୍ଜନ ଦାଶ)


ରାଉରକେଲା ସହରର ବୁଲା ଗାଈଗୋରୁ।

ବେଆଇନ ଗୋରୁଚାଲାଣ ଯୋଗୁ ରାଉରକେଲା ସହରରେ ଦିନକୁ ଦିନ ଗୋସମ୍ପଦ ହ୍ରାସ ପାଇବାରେ ଲାଗିଛି। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ମଧ୍ୟ କମୁଛି। ପୂର୍ବରୁ ଦୈନିକ ୩୦ହଜାର ଲିଟରରୁ ଊର୍ଦ୍ଧ୍ୱ ଦୁଗ୍ଧ ଉତ୍ପାଦିତ ହେଉଥିବା ବେଳେ ଏବେ ୧୨ହଜାର ଲିଟର ଉତ୍ପାଦନ ହେଉଥିବା ରାଉରକେଲା ପ୍ରାଣୀଧନ ବିଭାଗ ସୂତ୍ରରୁ ଜଣାପଡିଛି।

ରାଉରକେଲା ସହରର ବାସନ୍ତୀ କଲୋନୀ, ସିଭିଲଟାଉନଶିପ୍, ୨୦ ନମ୍ବର ଖଟାଲ ବସ୍ତି ଏବଂ ଶିଳ୍ପାଞ୍ଚଳରେ ପ୍ରାୟ ୪ଶହ ଗୋପାଳକ ରହୁଛନ୍ତି। ସେମାନେ ଗୋପାଳନ କରିବା ସହ ଦୁଗ୍ଧ ଉତ୍ପାଦନ କରି ସହରର ବିଭିନ୍ନ ସ୍ଥାନକୁ ଦୁଗ୍ଧ ସମେତ ଦୁଗ୍ଧଜାତ ଦ୍ରବ୍ୟ ପଠାଇଥାନ୍ତି। ୫ବର୍ଷ ତଳେ ରାଉରକେଲା ସହରରେ ଗୃହପାଳିତ ଗୋରୁ ସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ଥିଲା। ବର୍ତ୍ତମାନ ଏହି ସଂଖ୍ୟା ୩୮ଶହରେ ପହଞ୍ଚିଛି। ସହରରେ ଗୋରୁଗାଈଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ସେହି ଅନୁପାତରେ ଦୁଗ୍ଧ ଉତ୍ପାଦନ କମୁଛି। ପ୍ରଶାସନିକ ଉଦାସୀନତା, ବେଆଇନ ଗୋରୁ ଚାଲାଣ ଓ ମାନବିକତା ଅଭାବ କାରଣରୁ ଗୋରୁଗାଈଙ୍କ ସଂଖ୍ୟା ହ୍ରାସ ପାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ପ୍ରତ୍ୟହ ବିଳମ୍ବିତ ରାତିରେ ଦାଣ୍ଡିଆପାଲି, ଗର୍ଜନ, ଡୁମରନ, ବିରକେରା ଏବଂ ଗୁରୁଣ୍ଡିଆ ଆଦି ଅଞ୍ଚଳ ଦେଇ ରାଉରକେଲାରୁ ବିଭିନ୍ନ ସ୍ଥାନକୁ ବେଆଇନ ଗୋଚାଲାଣ କରାଯାଉଛି। ଏହାସହିତ ଗୋଟିଧର-କଲୁଙ୍ଗା-ବେଦବ୍ୟାସ ଦେଇ ମଧ୍ୟ ଗୋରୁଚାଲାଣ ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ଏଯାଏ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗତ ବର୍ଷକ ମଧ୍ୟରେ ପୋଲିସ ପ୍ରଶାସନ ମଧ୍ୟ ଜଣେ ହେଲେ ଗୋଚାଲାଣକାରୀଙ୍କୁ ଧରିବାରେ ସଫଳ ହୋଇନାହିଁ। କେବଳ ଗାଈଗୋରୁଙ୍କୁ ଉଦ୍ଧାର ସହ ଗାଡି ଜବତ କରି କାମ ସାରି ଦେଉଛି। ମାତ୍ର ଗୋରୁ ବୋଝେଇ ଗାଡି କେଉଁଠୁ ଆସିଲା, କେଉଁ ସ୍ଥାନକୁ ଚାଲାଣ ହେଉଥିଲା ଏସବୁ ବିଷୟ ରହସ୍ୟ ହୋଇ ରହିଯାଉଛି। ଏପରିକି ଉଦ୍ଧାର ହୋଇଥିବା ଗୋରୁ ସଂଖ୍ୟା, ସେମାନଙ୍କ ସ୍ଥିତି ଓ କାହା ପାଖରେ ଜିମା ଦିଆଗଲା ସେ ନେଇ ମଧ୍ୟ ପ୍ରଶାସନ ପାଖରେ କୌଣସି ଖବର ରହୁନାହିଁ। ରାଉରକେଲା ସହରରେ ଦିନକୁ ଦିନ ଗୋବଂଶ ହ୍ରାସ ପାଉଥିବା ବେଳେ ଏହା ଉପରେ ବିହିତ ପଦକ୍ଷେପ ଗ୍ରହଣ ନ ହେଲେ ସହର ଗୋବଂଶ ହୀନ ହେବ ବୋଲି ଚର୍ଚ୍ଚା ହେଉଛି। ଏ ନେଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ପଚାରିବାରୁ ସେ କହିଲେ, ଗୋଚାଲାଣ ରୋକିବା ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଥିଲେ।

# ନିଷ୍ଠାର ସହ କର୍ତ୍ତବ୍ୟ କଲେ ଉତ୍ଥାନ ନିଶ୍ଚିତ


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା,୨୭।୧୨(ବିପ୍ଲବ ରଞ୍ଜନ ଦାଶ)

**ରାଉରକେଲା ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ**

ରାଉରକେଲା ମ୍ୟୁନିସିପାଲ କଲେଜର ବାର୍ଷିକୋତ୍ସବ କଲେଜ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, କଲେଜ ପରିଚାଳନା ସମିତିର ପୂର୍ବତନ ସଭାପତି ଡାଭିନ୍ଦର କୌର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ପାନପୋଷ ଉପଜିଲାପାଳ ତଥା ମ୍ୟୁନିସିପାଲ କଲେଜ ପରିଚାଳନା ସମିତି ସଭାପତି ବିଜୟ କୁମାର ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଅତିଥିମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଅଧ୍ୟକ୍ଷ ପ୍ରଧାନ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ପ୍ରଧାନ କଲେଜର ଶୈକ୍ଷିକ ତଥା ଅନ୍ୟାନ୍ୟ ଉପଲବ୍ଧି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବିଧାୟକ ନାୟକ କହିଥିଲେ, କଲେଜର ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରନ୍ତୁ। ଏହାସହିତ ପରସ୍ପର ମଧ୍ୟରେ ସହଭାଗିତା ବଜାୟ ରଖିଲେ କଲେଜର ସମ୍ମାନ ବୃଦ୍ଧି ପାଇବ ଏବଂ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ନାୟକ କହିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ସୁପ୍ରିୟା ଓ ତାଙ୍କ ଟିମ୍ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ 'ନୂଆ ସକାଳ' ପରିବେଷିତ ହୋଇଥିଲା। ଦୀପ୍ତି ରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ବିଜୟ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ରାଉରକେଲା,୨୭।୧୨(ସଙ୍ଗୀତା ଜେନା)

**ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ମାମଲା**

୨୦୨୦ରେ ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅଞ୍ଚଳରେ ସଙ୍ଘଠିତ ଏକ ହତ୍ୟାକାଣ୍ଡ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଭରତ ବଡାଇକଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ରାଉରକେଲା ପୋଲିସ ଜିଲା ବିଶ୍ରା ଥାନା ଚେଇଁଝରଣ ଗ୍ରାମରେ ୨୦୨୦ ଡିସେମ୍ବର ୧୧ ତାରିଖରେ ଏକ ବିବାହ ଭୋଜି ଆୟୋଜନ ହୋଇଥିଲା। ଏଥିରେ ସେହି ଗ୍ରାମରେ ଜିତେନ୍ଦ୍ର ମୁଣ୍ଡା ତାଙ୍କର ୨ ପତ୍ନୀ ଶାନ୍ତି ମୁଣ୍ଡା, କର୍ମୀ ମୁଣ୍ଡା ଏବଂ ପୁତ୍ର ପାଣ୍ଡୁ ମୁଣ୍ଡା ରହୁଥିଲେ। ସନ୍ଧ୍ୟାରେ ଭୋଜି ଖାଇବାକୁ ଶାନ୍ତି, କର୍ମୀ ଓ ପାଣ୍ଡୁ ଯାଇଥିଲେ। ପରେ ଜିତେନ୍ଦ୍ର ଏକ ବାଇକ୍‌ରେ ଆସି ଭରତଙ୍କ ଘର ସମ୍ମୁଖରେ ଗାଡି ପାର୍କିଂ କରି ଭୋଜି ଖାଇବାକୁ ଯାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ଏକ ଗଇଁତି ବେଣ୍ଟରେ ଜିତେନ୍ଦ୍ରଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ପତ୍ନୀ ଶାନ୍ତି ୧୨ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଯାଞ୍ଚ ଅଧିକାରୀ ମଧୁସୂଦନ ବିଶ୍ୱାଳ ହତ୍ୟାକାରୀଙ୍କୁ ଗିରଫ କରିଥିଲେ। ପୂର୍ବରୁ କୁଆଡେ ମୃତକ ଓ ହତ୍ୟାକାରୀଙ୍କ ମଧ୍ୟରେ ଶତ୍ରୁତା ଥିଲା। ଭରତ ଜିତେନ୍ଦ୍ରଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଏହି ମାମଲାରେ ୧୨ ଜଣଙ୍କ ସାକ୍ଷ୍ୟ ତଥା ୧୪ଟି ଦସ୍ତାବିଜ୍ ଗ୍ରହଣ କରି ଅଦାଲତ ଅଭିଯୁକ୍ତ ଭରତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଉକ୍ତ ମାମଲାକୁ ବରିଷ୍ଠ ଆଇନଜୀବୀ କୈଳାସ ପ୍ରଧାନ ପରିଚାଳନା କରିଥିଲେ।

# ସାଇନିଂ ରକର୍ସ ଏକାଡେମୀର ବାର୍ଷିକୋତ୍ସବ ଉଦ୍‌ଯାପିତ


ଫ୍ୟାଶନ ଶୋରେ ପୁରସ୍କୃତ କୃତୀ ପ୍ରତିଭା।

ରାଉରକେଲା,୨୭।୧୨(ଦିନେଶ ମିଶ୍ର)

ରାଉରକେଲାର ସାମାଜିକ ଅନୁଷ୍ଠାନ ରକର୍ସ ଏକାଡେମୀର ଅଷ୍ଟମ ବାର୍ଷିକୋତ୍ସବ ଓ ଫ୍ୟାଶନ ଶୋ' ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ନିର୍ଦ୍ଦେଶିକା ଲୀନା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଇଞ୍ଜିନିୟର ବିମଳ ବିଶି ମୁଖ୍ୟ ଅତିଥି, ଡାକ୍ତର ବିଶ୍ୱଜିତ ମହାପାତ୍ର, ଡାକ୍ତର ଲଲାଟେନ୍ଦୁ ଆଚାର୍ଯ୍ୟ, ସୁନିଲ କୟାଲ, ଜିତେନ୍ଦ୍ର ପ୍ରସାଦ, ଜାହାଙ୍ଗୀର ହକ୍, ବିରେନ ସେନାପତି, ଇଜାଜ୍ ଅହମ୍ମଦ, ଜୟା ତ୍ରିପାଠୀ, ପ୍ରଜ୍ଞାପାରମିତା ଦାସ, ପି. ସି. ପରିଚ୍ଛା, ରାହୁଲ ରାୟ, କାର୍ତ୍ତିକ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ଜନଜାତିଙ୍କ ପୋଷାକ ପରିଧାନ କରି ମଡେଲମାନେ ର‍୍ୟାମ୍ପ ଶୋରେ ସେମାନଙ୍କ ଯାଦୁ ଦେଖାଇଥିଲେ। ପରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ରାକ୍ଷୀ ମଣ୍ଡଳ, ମିତାଲି ଦାସଗୁପ୍ତା, ମାଇତ୍ରୀ ମାହେଶ୍ୱରୀ, ଅମୀୟ ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ବାଳକ ବର୍ଗରେ ରାଉରକେଲାର ଆଦିତ୍ୟ ପ୍ରତାପ ସିଂ ବିଜୟୀ ହୋଇଥିବାବେଳେ ବାଳିକା ବର୍ଗରେ ଝାରସୁଗୁଡାର ତିତିକ୍ଷା ଧାରୁଆ, ରାଉରକେଲାରୁ ରଶ୍ମିତା ବିଶୋଇ ବିଜୟୀ ହୋଇଥିଲେ। ସେହିଭଳି ସବ୍ ଜୁନିୟର ବର୍ଗରେ ଖୋର୍ଦ୍ଧାର ଅନନ୍ୟା ପାତ୍ର ଓ ସମ୍ବଲପୁରର ରାଜିଲ ଶେଖ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ସମଗ୍ର ଓଡିଶାରୁ ୪ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ କ୍ରାଉନ, ଟ୍ରଫି ଓ ଗିଫ୍ଟ ଭାଉଚର ଦେଇ ସମ୍ମାନିତ କରିଥିଲେ। ପ୍ରେମ କୁମାର, ନିତ୍ୟାଞ୍ଜଳି ପରିଡା, ବର୍ଣ୍ଣାଳି ରାଉତ, ଚିନୁ ରାଉତ, ପ୍ରବୀନ ଚାୱଲା, ଆଲୋକ ପାଣିଗ୍ରାହୀ, ସରୋଜ ଶତପଥୀଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ରାଉରକେଲା,୨୭।୧୨(ସଙ୍ଗୀତା ଜେନା)

ପାୱାର ଲିଫ୍ଟିଂ ଆସୋସିଏଶନ ଅଫ୍ ଓଡ଼ିଶା (ପିଏଓ) ଓ ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ଶୁକ୍ରବାର ସେକ୍ଟର-୧୮ ଇସ୍ପାତ ଇଂରାଜୀ ସ୍କୁଲରେ ରାଜ୍ୟସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ପାଳନ କରାଯାଇ ଉକ୍ତ କାର୍ଯ୍ୟକ୍ରମ ନିରାଡମ୍ବର ଭାବେ ପାଳନ କରାଯାଇଛି। ଏଥିରେ ବଲାଙ୍ଗୀର, କଟକ, ଖୋର୍ଦ୍ଧା, ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, କୋରାପୁଟ, ମାଲାକାନାଗିରି, ସୁନ୍ଦରଗଡ଼, ବାଲେଶ୍ୱର, ସମ୍ବଲପୁର ତଥା ରାଉରକେଲା ଇସ୍ପାତ କାରଖାନା ଟିମ୍ ସମେତ ମୋଟ ୧୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ସବ୍‌ଜୁନିୟର, ଜୁନିୟର, ସିନିୟର ଏବଂ ମାଷ୍ଟର ବର୍ଗରେ ଏହି ପ୍ରତିଯୋଗିତା କରାଯାଉଛି। ଏହି ତ୍ରିଦିବସୀୟ ପ୍ରତିଯୋଗିତାରେ ମହିଳା ବର୍ଗରେ ୪୫ ଜଣ ଏବଂ ପୁରୁଷ ବର୍ଗରେ ୨ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆର୍‌ଏସ୍‌ପି ସହରସେବା ସିଜିଏମ୍ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି, ଅଧିକାରୀ ମଙ୍ଗଳ ଓରାମ, ତପନ କାନେକର ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପିଏଓର ସଭାପତି ପରେଶ ମହାନ୍ତ, ଉପସଭାପତି ବାସୁଦେବ ବାନାର୍ଜୀ, ବିକ୍ରମ ସ୍ୱାଇଁ, ସାଧାରଣ ସମ୍ପାଦିକା ସଙ୍ଗୀତା ସିଂହ, ଯୁଗ୍ମ ସମ୍ପାଦକ ଗୌତମ ଆଜୁଆଡ, ବିଭୂତି ଭୂଷଣ ଭଞ୍ଜ, ତରଣଦୀପ ସିଂହ, ସନ୍ତୋଷ ସିଂ, କୋଷାଧ୍ୟକ୍ଷ ସଞ୍ଜୟ ନାୟକ ଏହାକୁ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସ୍କ୍ୱାର୍ଟ, ବେଞ୍ଚ ପ୍ରେସ, ଡେଡ୍‌ଲିଫ୍ଟ ଆଦି କରାଯାଇଥିଲା। ଆରଏସ୍‌ପି କ୍ରୀଡ଼ା ବିଭାଗର ସନ୍ତୋଷ ଭୂୟାଁ, ରଘୁନନ୍ଦନ ପାଢ଼ୀ, ବିରଞ୍ଚି ମିଶ୍ର, ବିଜୟ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

# ଜାନୁଆରୀ ୫ରେ ୧୧ ପୁସ୍ତକର ଲୋକାର୍ପଣ ହେବ


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୨୭।୧୨(ବିପ୍ଲବ ରଞ୍ଜନ ଦାଶ)

ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ, ରଶ୍ମିପ୍ରଭା ସାହିତ୍ୟ ଅନୁଷ୍ଠାନ ଏବଂ ଶିକ୍ଷାଜ୍ୟୋତିର ମିଳିତ ଆନୁକୂଲ୍ୟରେ ରାଉରକେଲା ସେକ୍ଟର-୭ରେ ଥିବା ଇସ୍ପାତ ସାହିତ୍ୟ ସଂସଦ ପରିସରରେ ଆସନ୍ତା ଜାନୁଆରୀ ୫ତାରିଖରେ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଏକକାଳୀନ ୧୧ଟି ପୁସ୍ତକ ଲୋକାର୍ପଣ ସହିତ ସାହିତ୍ୟ ଆଲୋଚନା ଉପରେ ହେବ। ଏହାସହିତ ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ରଶ୍ମିପ୍ରଭା ଅନୁଷ୍ଠାନର ସାଧାରଣ ସମ୍ପାଦକ ମନୋଜ ନନ୍ଦ ଓ ଉପଦେଷ୍ଟା ତଥା ଶିକ୍ଷାବିତ୍ ପ୍ରଶାନ୍ତ ପତି, ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଶଶଧର ପଣ୍ଡା, ଇସ୍ପାତ ସାହିତ୍ୟ ସଂସଦ ସଭାପତି ବ୍ରଜେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଏବଂ ଶିକ୍ଷାଜ୍ୟୋତି ଅନୁଷ୍ଠାନର ରାଧାକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ରାଉରକେଲାର ସାହିତ୍ୟ ଅସ୍ମିତାକୁ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦିଆଯାଇଛି। ମନୋଜ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସାହିତ୍ୟିକ ସତ୍ୟବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଲେଖିକା ରଶ୍ମିତା ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଇଜି ପ୍ରାଣୀ ଉଦ୍ୟାନରେ ବାଘ ଖୁଆଡ଼ ଉଦ୍‌ଘାଟିତ

ରାଉରକେଲା,୨୭।୧୨(ବିପ୍ଲବ ରଞ୍ଜନ ଦାଶ)


ବାଘ ଖୁଆଡକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା ଆଇଜି ପାର୍କ ଉଦ୍ୟାନରେ କଲରା ପତରିଆ ବାଘ ଖୁଆଡକୁ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଅପରେଶନ୍ସ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ଇନ୍‌ଚାର୍ଜ ପ୍ରତାପ କୁମାର ସ୍ୱାଇଁ, ବହୁ ସିଜିଏମ୍ ଓ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଭୌମିକ ଆଇଜି ପାର୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ପାର୍କରେ ବାଘ, ବାଘୁଣୀଙ୍କ ଯତ୍ନ ନେଉଥିବା ଠିକା କର୍ମଚାରୀ ସୁରେଶ ଓରାମଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍ୟାନ କୃଷି ବିଭାଗ ଡିଜିଏମ ତଥା ପ୍ରାଣୀ ଉଦ୍ୟାନ ବିକାଶ କାର୍ଯ୍ୟକ୍ରମ ଇନ୍‌ଚାର୍ଜ ଅଭିଜିତ ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଙ୍ଗଳା ନାଟକ ଡୁମସୀ ନିରନା, ଜୀବନ ମୃତ୍ୟୁ ମଞ୍ଚସ୍ଥ

ରାଉରକେଲା,୨୭।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସିଭିକ ସେଣ୍ଟରରେ ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ସର୍ବଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବର ଶୁକ୍ରବାର ଷଷ୍ଠ ସନ୍ଧ୍ୟାରେ ବଙ୍ଗଳା ନାଟକ ଡୁମସୀ ନିରନା ଓ ଜୀବନ ମୃତ୍ୟୁ ମଞ୍ଚସ୍ଥ ହୋଇଯାଇଛି। ଏଥିରେ ଅତିଥି ଭାବେ ଆର୍‌ଏସ୍‌ପି ପ୍ରାକ୍ତନ ମହାପ୍ରବନ୍ଧକ ଅଭୟ କୁମାର ଦାସ ଓ ମଣିପୁରର ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ସୋଇବାମ ଇନ୍ଦ୍ର କୁମାର ଯୋଗଦେଇ ଷଷ୍ଠ ସନ୍ଧ୍ୟା ନାଟ୍ୟୋତ୍ସବକୁ ଶୁଭାରମ୍ଭ କରିଥିଲେ। ନାଟ୍ୟୋତ୍ସବ ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ସୁପ୍ରୀତ ଭଦ୍ରାଙ୍କ ନିର୍ଦ୍ଦେଶିତ ନାଟକ ବଙ୍ଗାଳୀ ଭାଷା ନାଟକ ଡୁମସୀ ନିରନା ମଞ୍ଚସ୍ଥ ହୋଇଥିଲା। ପରେ ରବିନ୍ଦ୍ରନାଥ ଟାଗୋରଙ୍କ ରଚିତ ଦ୍ୱିତୀୟ ନାଟକ ଜୀବନ ମୃତ୍ୟୁ ମଞ୍ଚସ୍ଥ କରିଥିଲେ କୋଲକତା ନାଟ୍ୟସଭା କଳାକାରମାନେ। ଏଭଳି ଭାବେ ନାଟ୍ୟ ଉତ୍ସବ ପୂର୍ବ ସନ୍ଧ୍ୟାମାନଙ୍କରେ ଆଜମିଆ ଭାଷା ନାଟକ ମ୍ୟାକ୍‌ବେଥ, ମାଗୁଣୀର ଶଗଡ ଆଦି ନାଟକ ମଞ୍ଚସ୍ଥ ହୋଇସାରିଛି।

# ଜାକିର ହୁସେନ, ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୭।୧୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ପ୍ରସିଦ୍ଧ ତବଲା ବାଦକ ପଦ୍ମଶ୍ରୀ ଜାକିର ହୁସେନ୍ ଓ ଜମ୍ମୁ କଶ୍ମୀରରେ ସଡ଼କ ଦୁର୍ଘଟଣାରେ ମୃତ ୫ ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସନ୍ଧ୍ୟାରେ ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉଭୟ ଆତ୍ମାର ସଦ୍‌ଗତି ନିମନ୍ତେ କମିଟିର କର୍ମକର୍ତ୍ତାମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ସମସ୍ତ କର୍ମକର୍ତ୍ତା ଜାକିର ହୁସେନ ଓ ୫ ଜଣ ଶହୀଦ ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ କମିଟିର ଯୁବନେତା କହରା ଜେନା, ସମାଜସେବୀ ବାସୁ ବରାଳ, ଟୁନୁ କର, ଅରବିନ୍ଦ ମହାନ୍ତି, ଅମୀୟ ପୋଥାଳ, ଉମା ଦାସ, ସତ୍ୟ ବାରିକ, ମାନୁ ସାମଲ, କାବୁ କର, ଟୁକ ଦାସ, ଶୁଶାନ୍ତ ନାୟକ, ବାବୁନି ପଣ୍ଡା, ତାପସ ମହାନ୍ତି, ରବିନାରାୟଣ ପଣ୍ଡା, ବିଦ୍ୟାଧର ବେହେରା, ଭଞ୍ଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# 'ଆମ ଦଳ ଭଲ ପ୍ରଦର୍ଶନ କରିବ'

**ଦିଲ୍ଲୀ ଏସ୍‌ଜି ପାଇପର୍ସର ଖବରଦାତା ସମ୍ମିଳନୀ**

ରାଉରକେଲା,୨୭।୧୨(ଦିନେଶ ମିଶ୍ର)



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା କଳିଙ୍ଗ ବିହାରସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଶନିବାର ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)ର ଉଦ୍‌ଘାଟନୀ ମ୍ୟାଚ୍। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ମ୍ୟାଚ୍ ଗୋନାସିକା ଦଳ ଓ ଦିଲ୍ଲୀ ଏସ୍‌ଜି ପାଇର୍ପସ ମଧ୍ୟରେ ହେବ। ରାଉରକେଲାରେ ପ୍ରଥମ କରି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଆୟୋଜିତ ହୋଇଥିବାରୁ ଜିଲା ତଥା ରାଉରକେଲାର ହକି କ୍ରୀଡାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ୮ଟି ପୁରୁଷ ଦଳ ରାଉରକେଲା ସ୍ଥିତ ମେ ଫେୟାର ହକି ଭିଲେଜରେ ପହଞ୍ଚି ବିର୍ସା ମୁଣ୍ଡା ସ୍ଥିତ ଆଷ୍ଟ୍ରୋଟର୍ଫ ଉପରେ ଅଭ୍ୟାସ କରିଥିଲେ। ଅନ୍ୟପକ୍ଷେ ଶୁକ୍ରବାର ଦିଲ୍ଲୀ ଏସ୍‌ଜି ପାଇପର୍ସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ଦିଲ୍ଲୀର ଅଧିନାୟକ ସମଶେର ସିଂ, କୋଚ୍ ଗ୍ରାହାମ୍ ରୋଡ ଓ ବିଦେଶୀ ଖେଳାଳି ଜ୍ୟାକ୍ ଉପସ୍ଥିତ ଥିଲେ। ଦିଲ୍ଲୀ ଦଳର ଅଧିନାୟକ ସମଶେର ସିଂ କହିଥିଲେ, ଆମର ସମସ୍ତ ଖେଳାଳି ଗୋନାସିକ ଦଳ ବିପକ୍ଷରେ ଖେଳିବାକୁ ପ୍ରସ୍ତୁତ ଅଛନ୍ତି। ଆମ ଦଳରେ ବିଦେଶୀ ଖେଳାଳିଙ୍କ ସହ ଆମର ଅନ୍ୟ ଖେଳାଳି ସନ୍ତୁଳିତ ଥିବାରୁ ଦଳ ଭଲ ପ୍ରଦର୍ଶନ କରିବ। ଏଥିସହ ରାଉରକେଲାରେ ପାଣିପାଗ ଓ ଦର୍ଶକଙ୍କ ସହଯୋଗ ଆମ ପାଇଁ ସହାୟକ ହେବ। ତେଣୁ ଆମ ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବ ବୋଲି ଆଶା ରଖିଛୁ। ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳରେ ବହୁ ଅଭିଜ୍ଞ ଖେଳାଳି ଅଛନ୍ତି। ପୂର୍ବରୁ ଦଳ ଲଗାତାର ଅଭ୍ୟାସ ଜାରି ରଖିଥିବାବେଳେ ଦଳର ଆତ୍ମବିଶ୍ୱାସ ଦୃଢ଼ ରହିଛି। ଗୋନାସିକା ଦଳରେ ଥିବା ଖେଳାଳିଙ୍କ ସହ ପୂର୍ବରୁ ଆମ ଦଳ ଖେଳିଥିବାବେଳେ କେଉଁ ଖେଳାଳି କିଭଳି ପ୍ରଦର୍ଶନ କରିବେ ତାହା ଆମେ ଅବଗତ ଅଛୁ। ତେଣୁ ଆମେ ସକାରାତ୍ମକ ଭାବନା ନେଇ ଭଲ ଖେଳ ପ୍ରଦର୍ଶନ କରିବୁ ବୋଲି କୋଚ ଗ୍ରାହମ୍ ଖବରଦାତା ସମ୍ମିଳନୀରେ କହିଥିଲେ। ସେହିଭଳି ବେଦାନ୍ତ କଳିଙ୍ଗ ଲାନ୍ସର, ୟୁପି ରାଇଡର୍ସ, ଗୋନାସିକା, ତାମିଲନାଡୁ ଡ୍ରାଗନ୍ସ, ହାଇଦ୍ରାବାଦ ତୋଫାନ ଦଳର କୋଚ୍‌ମାନଙ୍କୁ ନେଇ ଏକ ଖବରଦାତା ସମ୍ମଳନୀ ହୋଇଥିଲା। ସମସ୍ତ ଦଳର କୋଚ୍ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ର ଆଷ୍ଟ୍ରୋଟ୍ରଫ୍‌କୁ ପ୍ରଶଂସା କରିଥିଲେ। ଏଥିସହ ହକି ଇଣ୍ଡିଆ ଲିଗ୍ ଏଭଳି ଏକ ପ୍ରତିଯୋଗିତା ଯାହା ବହୁ ଯୁବ ହକି ପ୍ରତିଭା ତାଙ୍କ ଦକ୍ଷତାକୁ ଏଠାରେ ଦେଖାଇବାକୁ ସୁଯୋଗ ପାଇବେ ଏବଂ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି କହିଥିଲେ। ରାଉରକେଲାର ପାଣିପାଗ ଓ ଏଠାକାର ହକି କ୍ରୀଡାପ୍ରେମୀଙ୍କ ସମର୍ଥନ ଖେଳାଳିଙ୍କୁ ବେଶ୍ ପ୍ରେରଣାଦାୟକ ହେବ ବୋଲି କୋଚ୍‌ଗଣ ମତପ୍ରକାଶ କରିଥିଲେ।

# ଧାନର ଆର୍ଦ୍ରତା ମଣ୍ଡିରେ କମ୍, ମିଲ୍‌ରେ ବେଶି

ସମ୍ବଲପୁର,୨୭।୧୨(ଭବାନୀ ଶଙ୍କର ଭୋଇ)



ଚାଷୀ ନିଜ ଧାନ ବିକ୍ରି କରିବାକୁ ମଣ୍ଡିକୁ ନେଇ ପହଞ୍ଚିଛି।

■ମଣ୍ଡିରେ ଧାନର ଆର୍ଦ୍ରତା ଯାଞ୍ଚ ହେଲେ ୧୭ ପ୍ରତିଶତ, ମିଲ୍‌ରେ ୨୨ ପ୍ରତିଶତ

■ସମ୍ବଲପୁରରେ ୪୬ ରାଇସ ମିଲ୍ ଯାଞ୍ଚ ପାଇଁ ରହିଛନ୍ତି ୫ ଅଧିକାରୀ

■ମିଲ୍ ମାଲିକଙ୍କ କଟ୍‌ନିଛଟ୍‌ନିକୁ ନେଇ କୃଷକମାନଙ୍କ ଅସନ୍ତୋଷ

ସମ୍ବଲପୁର ଜିଲାରେ କେତେକ ମଣ୍ଡିରେ ଧାନର ଆଦ୍ରତା ଯାଞ୍ଚ ହେଲେ ୧୭ ପ୍ରତିଶତ ରହୁଥିବାବେଳେ ସେହି ଧାନ ମିଲରେ ଯାଞ୍ଚ ହେଲେ ୨୨ ପ୍ରତିଶତ ଆର୍ଦ୍ରତା ରହୁଛି। ଧାନର ଆର୍ଦ୍ରତା ମଣ୍ଡିରେ କମ୍, ମିଲରେ ବେଶି ନେଇ ସନ୍ଦେହ ସୃଷ୍ଟି ହେଉଛି। ଯେଉଁ ଧାନ ମିଲରେ ଯାଞ୍ଚ କଲେ ଯେତିକି ଆର୍ଦ୍ରତା ରହୁଛି, ସେହି ଧାନ ମିଲରେ ଯାଞ୍ଚ କଲେ ଆର୍ଦ୍ରତା ବଢି ଯାଉଛି କେମିତି ବୋଲି ପ୍ରଶ୍ନ ଉଠୁଛି। ମିଲରମାନେ ଅଧିକ କଟନିଛଟନି କରିବା ପାଇଁ ମିଲ୍‌ରେ ଯାଞ୍ଚ କରି ଅଧିକ ଆର୍ଦ୍ରତା ଥିବା ବାହାନା କରୁଛନ୍ତି। ସମ୍ବଲପୁର ଜିଲାରେ ମୋଟ ୪୬ଟି ରାଇସ ମିଲ ରହିଛି। ଏହି ରାଇସ ମିଲ୍‌ଗୁଡିକୁ ତଦାରଖ କରିବା ପାଇଁ ସମ୍ବଲପୁରରେ ରହିଛନ୍ତି କେବଳ ୫ଜଣ ଅତିରିକ୍ତ ଯୋଗାଣ ଅଧିକାରୀ। ସରକାରୀ ଯାଞ୍ଚର ଅଭାବ ଯୋଗୁଁ ନାନା ସମସ୍ୟା ଦେଖାଦେଉଛି ବୋଲି ମାନେଶ୍ୱର ବ୍ଲକ ତବଲା ମଣ୍ଡିର ଚାଷୀ ଶାନ୍ତନୁ ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଚାଷୀ ମଣ୍ଡିକୁ ଆଣିଥିବା ଧାନରେ ଆର୍ଦ୍ରତା ଯାଞ୍ଚରୁ ୧୭ ପ୍ରତିଶତ ଜଣାପଡିବା ପରେ ସେହି ଧାନ ମିଲକୁ ଗଲାପରେ ଯାଞ୍ଚ ହେଲେ ୨୨/୨୩ ପ୍ରତିଶତ ବାହାରୁଛି। ଚାଷୀଙ୍କଠାରୁ ଅଭିଯୋଗ ଆସିବା ପରେ ଜିଲା କୃଷକ ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ମଧ ସ୍ୱୀକାର କରୁଛନ୍ତି। ଏହାର ଫାଇଦା ନେଇ ମିଲର କଟନିଛଟନି ଭୟ ଦେଖାଉଛନ୍ତି। ଚାଷୀ ମିଲରୁ ଧାନ ଫେରାଇ ଆଣିବା ସହଜ ନୁହଁ। ତେଣୁ ବାଧହୋଇ କଟନିଛଟନି ସ୍ୱୀକାର କରି ଧାନ ମିଲରକୁ ଦେବାକୁ ବାଧ ହେଉଛନ୍ତି। ଜିଲାରେ ମିଲଗୁଡିକରେ ଧାନ ଯାଞ୍ଚ କାର୍ଯ୍ୟରେ ଯୋଗାଣ ନିରୀକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଅଧିକାଂଶ ସମୟରେ ଯୋଗାଣ ନିରୀକ୍ଷକମାନଙ୍କ ସହଭାଗିତା ଦେଖିବାକୁ ମିଳେନାହିଁ। ଏହା ଫଳରେ ସମଗ୍ର ଭାର ଅତିରିକ୍ତ ଯୋଗାଣ ଅଧିକାରୀମାନଙ୍କ ଉପରେ ପଡିଥାଏ। ତେବେ ଜିଲାରେ ରହିଥିବା ୫ଜଣ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ମଧ୍ୟରୁ ଜଣପିଛା ୯ଟି ମିଲ ସହ ତାଙ୍କ ସହ ଜଡିତ ଧାନମଣ୍ଡି ଏବଂ ଚାଷୀମାନଙ୍କ ସମସ୍ୟା ସମାଧାନର ଦାୟିତ୍ୱ ରହୁଛି। ତେବେ ଜିଲାରେ ଅତିରିକ୍ତ ଯୋଗାଣ ଅଧିକାରୀମାନଙ୍କ ସଂଖ୍ୟା କମ ଥିବାରୁ ସେମାନେ କାର୍ଯ୍ୟଭାର ଦର୍ଶାଇ ଯାଞ୍ଚ କାର୍ଯ୍ୟରେ ଜାଣିଶୁଣି ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଅଧିକାରୀମାନେ ମିଲର୍ ମାଲିକମାନଙ୍କ ସହ ମଧୁର ସମ୍ପର୍କ ରଖି ସମସ୍ତ କାମ ଚଳାଇ ନେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥାନ୍ତି। ଯାହାଦ୍ୱାରା ଏହାର ପ୍ରତ୍ୟକ୍ଷ ପ୍ରଭାବ କୃଷକମାନଙ୍କ ଉପରେ ପଡିଥାଏ। ଅତିରିକ୍ତ ଯୋଗାଣ ଅଧିକାରୀ ଏସବୁକୁ ଯାଞ୍ଚ କରିବା କଥା ତେବେ ସଂଖ୍ୟା କମ ଥିବାରୁ ଅଭିଯୋଗ ପରେ କେହି ଘଟଣା ସ୍ଥଳକୁ ଠିକ ସମୟରେ ପହଞ୍ଚୁ ନ ଥିବାରୁ ଚାଷୀ ମଧ ଅଭିଯୋଗ କରି ହଇରାଣରେ ପଡିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଗୋଶାଳା ନିକଟସ୍ଥ ଆଇପି ରାଇସମିଲ୍‌ରେ ବାହାର ଜିଲାର ଧାନ ଧରାପଡିଥିଲା। ଚାଷୀମାନେ ଅଭିଯୋଗ କରିବା ପରେ ଯାଇ ଯୋଗାଣ ବିଭାଗ ତତ୍ପର ହୋଇଥିଲା। ତେବେ ଜିଲାରେ ସ୍ଥିତି ବିଷୟରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାର ଜିଲାରେ ପଦବି ଅନୁସାରେ ୫ଜଣ ଅତିରିକ୍ତ ଯୋଗାଣ ଅଧିକାରୀ ରହିଛନ୍ତି ଧାନ ସଂଗ୍ରହ ସମୟରେ ଅଧିକ କାର୍ଯ୍ୟଭାର ରହିବା ସାଧାରଣ ଘଟଣା। ତେବେ ଜିଲାରେ ଉପଖଣ୍ଡରେ ଜଣେ ଲେଖାଏଁ ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସମେତ ସମ୍ବଲପୁରରେ ତିନିଜଣ ଅତିରିକ୍ତ ଯୋଗାଣ ଅଧିକାରୀ ରହିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ବ୍ୟବସ୍ଥା ଭିତରେ ପଦବୀ ରହିଛି। ତେଣୁ ସେମାନଙ୍କୁ ନେଇ କାମ କରିବାକୁ ପଡିବ। ତେବେ ଯେଉଁଠି କଟନିଛଟନି କିମ୍ବା ଅନ୍ୟସମସ୍ୟା ହେଉଛି, ସିଧାସଳଖ ଜିଲା ଯେଗାଣ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ଗରିବ ଘର ଭାଙ୍ଗି ବେକେରୀ ମାଲିକଙ୍କ ସହ ୫ ଗିରଫ



ଗରିବ ଲୋକଙ୍କ ଘର ଭାଙ୍ଗି ଧନୁପାଲି ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିରେ ସରକାରୀ ଜମିରେ ଘରକରି ରହୁଥିବା ୩ ଗରିବ ଲୋକଙ୍କୁ ବେଦଖଲ କରିବା ପାଇଁ ବେକେରୀ ମାଲିକଙ୍କ ପକ୍ଷରୁ ବଳ ପ୍ରୟୋଗ କରାଯାଇଛି। ଏପରିକି ଉକ୍ତ ଗରିବ ପରିବାରଙ୍କ ଘର ଉପରେ ବୁଲଡୋଜର ଚଳାଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେବାରୁ ଗରିବ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଧନୁପାଲି ପୋଲିସ ବେକେରୀର ମାଲିକ ଅଲିମ କାମଦାରଙ୍କ ସହିତ ଭୁତାପଡ଼ାର ଇମରାନ ଅଲ୍ଲୀ, ସୁନିପାଲର ଶେଖ ଅଖତର, ପେନସନପଡ଼ାର ସଇଦ ସଲାମତ ଓ ବିହାର ଅଞ୍ଚଳର ମହମ୍ମଦ ନୌସାଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁନାପାଲିରେ ରାସ୍ତା ପାର୍ଶ୍ୱସ୍ଥ ଏକ ସରକାରୀ ଜମିରେ ଗୁଡ଼ିଆ ବେଗମ, ମହମ୍ମଦ କଲିମ ଓ ଆକାଶ ବାଗ ନାମକ ଗରିବ ଶ୍ରେଣୀର ତିନି ପରିବାର ଘରକରି ରହୁଥିଲେ। ଗୁରୁବାର ସନ୍ଧ୍ୟାରେ ବିନା କୌଣସି ପୂର୍ବ ସୂଚନାରେ ହଠାତ ବେକେରି ମାଲିକଙ୍କ ଇଙ୍ଗିତରେ କେତେକ ଯୁବକ ସୁନାପାଲିରେ ପହଞ୍ଚି ବୁଲଡୋଜର ଚଳାଇ ଉକ୍ତ ତିନି ଗରିବ ପରିବାରଙ୍କ ଘରଗୁଡ଼ିକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଅଭିଯୁକ୍ତମାନେ ଗିରଫ ତଥା ଉକ୍ତ ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଫଳରେ ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି।

# ଚୋରି ଘଟଣାରେ ପଡ଼ୋଶୀ ଗିରଫ

ସମ୍ବଲପୁର,୨୭।୧୨(ପ୍ରମୋଦ ବହିଦାର)

## ସୁନାଗହଣା ସହ ନଗଦ ଟଙ୍କା ଜବତ



ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ କିର୍ବା ଗ୍ରାମର ପ୍ରୀତି ପଣ୍ଡା ନାମକ ଜଣେ ମହିଳାଙ୍କ ଘରେ କଳାକନା ବୁଲାଇଥିବା ଅଭିଯୁକ୍ତ ପଡ଼ୋଶୀଙ୍କୁ ଗିରଫ କରିଛି ବୁର୍ଲା ପୋଲିସ। ସେ ହେଉଛନ୍ତି ସେହି ଗ୍ରାମର ଆଶୁ ଓରଫ ଇନ୍ଦ୍ର ବେହେରା(୩୨)। ତାଙ୍କ ନିକଟରୁ ସୁନାମୁଦି, ସୁନା କାନ ଝୁମୁକା, କାନଫୁଲ, ମଥାମଣି, ସୁନା ଲକେଟ୍, ସୁନା ମୋତି ମାଳି, ଚେନ୍, ସୁନା ଚୁଡ଼ି, ରୂପା ପାଉଁଜି, ରୂପା ଚେନ୍, ରୂପା ମୁଦି ମିଶି ଯଥାକ୍ରମେ ୧୩୧ ଗ୍ରାମର ସୁନା ଅଳଙ୍କାର ଓ ୭୬୦ ଗ୍ରାମର ରୂପା ଗହଣାକୁ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ନଗଦ ୧୬ ଲକ୍ଷ ୪୦ ହଜାର ଟଙ୍କା ମଧ ଜବତ କରାଯାଇଛି।

ଏସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ। ତାଙ୍କ ସୂଚନା ଅନୁସାରେ ବୁର୍ଲାରେ ଏକ ଜଳଖିଆ ଦୋକାନ କରିଥିବା କିର୍ବା ଅଞ୍ଚଳର ପ୍ରୀତି ପଣ୍ଡା ପରିବାର ସହିତ ରହୁଥିଲେ। ତେବେ ଗତ ଡିସେମ୍ବର ୧୦ରେ ତାଙ୍କ ପରିବାର ଲୋକ ଘରେ ନ ଥିବା ସମୟରେ ଝିଅ ବାହାଘର ପାଇଁ ଘରେ ରଖିଥିବା ନଗଦ ପ୍ରାୟ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହିତ ସୁନା ଓ ରୂପା ଗହଣା ଚୋରି ହୋଇଯାଇଥିଲା। ଏହାକୁ ନେଇ ପ୍ରୀତିଙ୍କ ପକ୍ଷରୁ ବୁର୍ଲା ଥାନାରେ ଏତଲା ଦିଆଯାଇଥିଲା। ଘଟଣାକୁ ନେଇ ପୋଲିସ ତତ୍ପରତା ପ୍ରକାଶ କରି ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ସୁରାଗ ଆଧାରରେ ପ୍ରଥମେ ତାଙ୍କ ପଡ଼ୋଶୀ ଆଶୁ ଓରଫ ଇନ୍ଦ୍ରଙ୍କୁ ସନ୍ଦେହରେ ଧରି ଆଣି ପଚରା ଉଚରା କରିଥିଲା। ପଚରାଉଚରା ବେଳେ ଆଶୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିବା ପରେ ତାଙ୍କୁ ପୋଲିସ ଗିରଫ କରିଥିଲା। ଏହାସହ ତାଙ୍କ ସୂଚନା ଅନୁସାରେ ଘରେ ଲୁଚାଇ ରଖିଥିବା ଚୋରି ସୁନା ଓ ରୂପା ଗହଣା ସହିତ ନଗଦ ଟଙ୍କାକୁ ପୋଲିସ ଜବତ କରିଛି। ଅଭିଯୁକ୍ତ ଆଶୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

# ‘ସର୍ଗିଫୁଲ’, ‘ଆଦମଖୋର’, ‘ଶୁଆଶାରୀ କଥା’ ନାଟକ ମଞ୍ଚସ୍ଥ

ସମ୍ବଲପୁର,୨୭।୧୨(ବି.ଶଙ୍କର)

## ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ରଜନୀ

ଯୁବ ଉଦୟଦ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଚତୁର୍ଥ ରଜନୀରେ ଶୁକ୍ରବାର ସର୍ଗିଫୁଲ, ଆଦମଖୋର ଏବଂ ଶୁଆଶାରୀ କଥା ନାଟକ ମଞ୍ଚସ୍ଥ ହୋଇଯାଇଛି। ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚଠାରେ ଚତୁର୍ଥ ରଜନୀରେ ପ୍ରଥମ ନାଟକ ସର୍ଗିଫୁଲ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ମଞ୍ଚସ୍ଥ କରିଥିଲେ।ବିରୁପାକ୍ଷ ପ୍ରଧାନ ରଚନା କରିଥିବା ବେଳେ ଚନ୍ଦ୍ରକାନ୍ତ ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ମଣିଷ ମଧ୍ୟରେ ଠିକ ଭୁଲ ବିଚାର କରିବାର ଶକ୍ତି ରହିଛି । କିନ୍ତୁ ସମୟ ସମୟରେ ମଣିଷ ଲୋଭର ବଶବର୍ତ୍ତି ହୋଇ ବିଚାର କରିବାର ଶକ୍ତି ହରାଇ ଥାଏ । ଶିକ୍ଷିତ ସମାଜର ଲୋଭ ଖୋର ବ୍ୟକ୍ତିମାନେ ନିଜର ସ୍ୱାର୍ଥ ସାଧନା ସକାଶେ ନିରୀହ ଗରୀବ ଆଦିବାସୀମାନଙ୍କୁ ଦିବାସ୍ୱପ୍ନ ଦେଖାଇଥାନ୍ତି। ଲକ୍ଷ୍ୟ ସାଧନ ହେଲା ପରେ ଗରିବମାନଙ୍କୁ ଠକି ଅନ୍ୟତ୍ର ଚାଲି ଯାଇଥାନ୍ତି। ଏପରି କଥାବସ୍ତୁକୁ ନେଇ ସର୍ଗିଫୁଲ ନାଟକଟି ଗତିଶିଳ ହୋଇଥିଲା। ଦ୍ୱିତୀୟ ନାଟକ ଆଦମଖୋର ମଞ୍ଚସ୍ଥ ହୋଇଥିଲା। ଏହାକୁ ବରଗଡ ଜିଲା ମହୁଲପାଲି ‘ଲୁ’ ନାଟ୍ୟଗ୍ରାମ କଳାକାରମାନେ ମଞ୍ଚନ କରିଥିଲେ। ଜଗନ୍ନାଥ ସେଠ ରଚନା ଓ ନିର୍ଦ୍ଦେଶନା କରିଥିଲେ। ଆଦମଖୋର ନାଟକଟି ମଣିଷର ଅନ୍ଧାରୀ ଦିଗର ଗୋଟିଏ ବିଶ୍ଳେଷଣ ଅଟେ। ଗ୍ରାମାଞ୍ଚଳରେ ନିଆର ଶିଶୁଟି ଜନ୍ମ ହେଲା ପରେ ଲୋକଙ୍କ ମନରେ ବିଭିନ୍ନ ପ୍ରକାର ବିଦ୍ୱେଶ ଭାବ ପ୍ରକାଶ କରନ୍ତି। ଶିଶୁଙ୍କ ସମେତ ପରିବାରବର୍ଗଙ୍କୁ ଅସମ୍ମାନ କରିଥାନ୍ତି। ଯଦ୍ୱାରା ବାଳକ ନିଜ ଭାଗ୍ୟକୁ ଖୋଜିବାକୁ ଗ୍ରାମ ଛାଡି ଅନ୍ୟତ୍ର ପଳାୟନ କରିଥାନ୍ତି। ପରବର୍ତ୍ତି ସମୟରେ ଶିଶୁଟି ଗ୍ରାମର ପ୍ରତ୍ୟେକଙ୍କୁ ପ୍ରତିଶୋଧ ନେଇଛନ୍ତି ଆଦମଖୋର ଭାବେ। ତୃତୀୟ ନାଟକ ସମ୍ବଲପୁରସ୍ଥିତ ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରମାନେ ଶୁଆଶାରୀ କଥା ମଞ୍ଚସ୍ଥ କରିଥିଲେ। ଏହାକୁ ନାଟ୍ୟକାର ଅତିଶ କୁମାର ଶତପଥି ରଚନା ଓ ନିର୍ଦ୍ଦେଶନା କରିଥିଲେ। ସ୍ତ୍ରୀ ଓ ସ୍ୱାମୀଙ୍କ ବିନା ଘର ସଂସ୍କାର ସମ୍ଭବ ନୁହେଁ। କିନ୍ତୁ ଯେଉଁ ସମୟରେ ସ୍ତ୍ରୀଙ୍କ ସମ୍ମାନ ଓ ମହତ୍ୱକାଂକ୍ଷାର ପ୍ରଶ୍ନ ସୃଷ୍ଟି କରେ, ଏହାପରେ ସୁଖର ସଂସାରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। ଏପରି ଏକ କଥା ବସ୍ତୁକୁ ନେଇ ନାଟକ ପରିବେଶିତ ହୋଇଥିଲା ।





ସମ୍ବଲପୁର ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚଠାରେ ଚତୁର୍ଥ ରଜନୀରେ ମଞ୍ଚସ୍ଥ ନାଟକ ସର୍ଗିଫୁଲ ଓ ଆଦମଖୋରର ଦୃଶ୍ୟ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର, ନିଯୁକ୍ତି ମେଳା

ଜମନକିରା,୨୭।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସମ୍ମିଳନୀ କକ୍ଷ ଏବଂ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଓ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଜିଲା ନିଯୁକ୍ତି ଓ ପରାମର୍ଶଦାତା ଅଧିକାରୀ ଶଙ୍କର୍ଷଣ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରତିଷ୍ଠାନ ସମ୍ବଲପୁର ଶାଖାର ପ୍ରାଧାପକ ବିଜୟ କୁମାର ସାହୁ, ସାହି ଏକ୍ସପୋର୍ଟ ସମ୍ବଲପୁର ସଂସ୍ଥାର ଅଧିକାରୀ ବିବେକାନନ୍ଦ ପଣ୍ଡା ଏବଂ ୧୬ଟି ବିଭିନ୍ନ ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୮୧ ଜଣ ଶିକ୍ଷିତ ବେକାର ଯୁବତୀ ଯୁବକ ନିଜର ନାମ ପଞ୍ଜିକୃତ କରିଥିଲେ। ବିଭିନ୍ନ କର୍ମ ସଂସ୍ଥାରୁ ଆସିଥିବା ଅଧିକାରୀ ଓ କର୍ମଚାରୀ ନିଜ ଅନୁଷ୍ଠାନରେ ମିଳୁଥିବା ସୁବିଧା ସୁଯୋଗ ଉପରେ ଯୁବତୀଯୁବକଙ୍କୁ ଅବଗତ କରେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ଜମନକିରା ଭାରପ୍ରାପ୍ତ ଅଧିକାରୀ ସରୋଜ କୁମାର ମିଶ୍ର ପରିଚାଳନା କରିଥିବାବେଳେ ଅକ୍ଷୟ ଟପୋ ସହଯୋଗ କରିଥିଲେ।

# ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୧୨(ବି.ଶଙ୍କର)

ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ବନ୍ୟଜନ୍ତୁ ଶିକାର ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ପଶ୍ଚିମ ଓଡ଼ିଶାର ୪୭ହଜାର ବର୍ଗ କିଲୋମିଟର ଭୌଗଳିକ ପ୍ରାନ୍ତରେ ବିଦ୍ୟୁତ ବିତରଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି। ଏହି ବିଦ୍ୟୁତ୍ ବିତରଣ ନିମନ୍ତେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଯୋଗାଣ ଲାଇନ ଅନେକ ସ୍ଥାନରେ ଜଙ୍ଗଲ ମଧ ଦେଇ ଗୋଟିଏ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ଟଣାଯାଇଛି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟକ୍ତି ଅନୈତିକ ଉପାୟରେ ଉକ୍ତ ବିଦ୍ୟୁତ୍ ଲାଇନରୁ ହୁକ ପକାଇ ଘଞ୍ଚ ଜଙ୍ଗଲ ମଧ୍ୟରେ ତାର ବିଛାଇ ବନ୍ୟଜନ୍ତୁ ଶିକାର କରୁଥିବା ପରିଲକ୍ଷିତ ହେଉଅଛି। ତେଣୁ ବିଦ୍ୟୁତ୍ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ରୋକିବା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପୋଷ୍ଟର ଏବଂ ବ୍ୟାନର ଲଗାଇବା, ଲିଫଲେଟ୍ ବାଣ୍ଟିବା, ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଇବା ପ୍ରଭୃତି କାର୍ଯ୍ୟ ଧାରାବାହିକ ଭାବେ କରାଯାଉଛି। ରାଜ୍ୟର ଜଙ୍ଗଲ ବିଭାଗର କର୍ମଚାରୀ ଏବଂ କମ୍ପାନୀର କ୍ଷେତ୍ରୀୟ କର୍ମଚାରୀଙ୍କ ସମନ୍ୱୟରେ ହାତୀ ଚଲାପଥକୁ ଅନୁଧ୍ୟାନ କରି ବିଭିନ୍ନ ସମୟରେ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ହେଉଥିବା ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କମ୍ପାନୀ ପଥପ୍ରାନ୍ତ ନାଟକ ଜରିଆରେ ଜନ ସଚେତନତା ସୃଷ୍ଟି କରୁଛି। ଚଳିତବର୍ଷ ପାଇଁ ଏଭଳି ୫ଶହଟି ପଥପ୍ରାନ୍ତ ନାକଟର ଯୋଜନା ପ୍ରସ୍ତୁତ କରାଯାଇଛି। ଯାହା ମଧ୍ୟରୁ ଗତ ଦୁଇମାସ ମଧ୍ୟରେ କମ୍ପାନୀ ପକ୍ଷରୁ ୨ଶହରୁ ଅଧିକ ସ୍ଥାନରେ ସଚେତନତାଧର୍ମୀ ନାକଟର ଆୟୋଜନ ହୋଇସାରିଛି। ଏହା ଦ୍ୱାରା ସମ୍ବଲପୁର, କଳାହାଣ୍ଡି, ନୂଆପଡ଼ା ପ୍ରଭୃତି ଜିଲାର ପ୍ରାୟ ସହସ୍ରାଧିକ ଲୋକଙ୍କ ମଧ୍ୟରେ ବିଦ୍ୟୁତ୍ ତାର ମାଧ୍ୟମରେ ବନ୍ୟଜନ୍ତୁଙ୍କ ଅବୈଧ ଶିକାର ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଇପାରିଛି। ସେହିପରି ଗତବର୍ଷ ମଧ ଅନେକ ଅଞ୍ଚଳରେ କମ୍ପାନୀ ପକ୍ଷରୁ ନୁକ୍କଡ ନାଟକ ଆୟୋଜନ କରିଛି । ଜନସାଧାରଣ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ବିଦ୍ୟୁତ ବିତରଣ କମ୍ପାନୀ ଭାବେ ମଧ ଟିପିଡବ୍ଲ୍ୟୁଓଡିଏଲ ପ୍ରାଥମିକ ଲକ୍ଷ୍ୟ । ସମସ୍ତ ପ୍ରାଣୀ ଓ ଧନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ କମ୍ପାନୀ ପକ୍ଷରୁ ପ୍ରତ୍ୟେକ କାର୍ଯ୍ୟ ହାତକୁ ନିଆଯାଇଥାଏ। ଏହି ପ୍ରଣାଳୀରେ ସମାଜରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ବିକାଶ କରିବା ଲାଗି ପ୍ରତିବଦ୍ଧ ରହିଛୁ ବୋଲି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଗୁରୁବାର ରାତିରେ ପ୍ରେସ ବିବୃତିରେ କହିଛନ୍ତି।




ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବନ୍ୟଜନ୍ତୁ ଶିକାର ରୋକିବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

# ଚାଷୀଙ୍କ ଆୟ ୨ ଗୁଣା କରିବା ମୁଖ୍ୟ ଲକ୍ଷ୍ୟ

କୁଚିଣ୍ଡା,୨୭।୧୨(ବିରଞ୍ଚି ଦର୍ଜ୍ଜା)



ଉପଜିଲାପାଳ ଗୌରବମୟ ପ୍ରଧାନ ମା’ ଭୈରବୀ ଏସ୍‌ଏଚ୍‌ଜିଙ୍କୁ ସଫଳ ଚାଷପାଇଁ ମାନପତ୍ର ପ୍ରଦାନ କରୁଛନ୍ତି।

## ଉପଖଣ୍ଡ ସ୍ତରୀୟ କୃଷିଯନ୍ତ୍ରପାତି ମେଳା

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପଡିଆରେ ଉପଖଣ୍ଡସ୍ତରୀୟ କୃଷିଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ ଜେନା ସଭାପତିତ୍ୱ କରିଥିଲେ। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ କୃଷିଯନ୍ତ୍ରପାତି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତ୍ୟାଧୁନିକ କୃଷିଯନ୍ତ୍ରପାତି ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ହୋଇଥାଏ। ଏହାଛଡା ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଓ କୃଷ୍ଣଚନ୍ଦ୍ର ଟପ୍ପୋ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଭୁବନେଶ୍ୱର କୃଷି ବିଭାଗ ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ସମ୍ବଲପୁର ଜିଲା କୃଷିବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରିହାତି ମୂଲ୍ୟରେ କୃଷିଯନ୍ତ୍ରପାତି ବିକ୍ରୟ, ବ୍ୟାଙ୍କ ଋଣ ସହାୟତା, କୃଷି ପାଇଁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ସଚେତନତା ପାଇଁ ବକ୍ତବ୍ୟ ରଖିଥିଲେ। ତେଣୁ ଚାଷୀମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରି ଲାଭବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଫଳ ଚାଷ ପାଇଁ ମା’ ଭୈରବୀ ଏସ୍‌ଏଚଜି, ଉଦ୍ୟାନ କୃଷି ପାଇଁ ଅଳ୍ପନା ନାଏକ, ସମନ୍ୱିତ କୃଷି ପାଇଁ ଜଗତ୍ରାମ କୁଜୁର, ଉତ୍କର୍ଷ ମୁଖ୍ୟ ଚାଷ ପାଇଁ ସମୀର ପଟେଲ, ପଶୁପାଳନ ପାଇଁ ଅନୁପ ଚୌଧୁରୀ, ସଫଳ କୃଷି ପାଇଁ ମିତ୍ରଭାନୁ ପଟେଲଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ କୃଷି ଯନ୍ତ୍ରପାତି ମେଳାରୁ ଧନୀରାମ ପୃଷ୍ଟେଠ, ଅରୁଣ ଖଡିଆ, ମୂରଳୀ କୁମାର ନାୟକ, ସଞ୍ଜିବ କୁମାର ପଟେଲ, ଆନନ୍ଦ ନାଏକ, ରାଜେଶ କୁମାର ପଟେଲ, ହୃଦାନନ୍ଦ ପୃଷ୍ଟେଠଙ୍କୁ ଟ୍ରାକ୍ଟର, ସୁମନ୍ତ ପଟେଲଙ୍କୁ ପାୱାରଟିଲର ଓ ତୀର୍ଥବାସୀ କିଷାନଙ୍କୁ ନୂତନ ପାଣିପମ୍ପ ବଣ୍ଟନ କରାଯାଇଥିଲା। ଏହି ମେଳାରେ କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ, ଏସ୍‌ଏଚଜି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଭିନ୍ନ କମ୍ପାନୀ ପକ୍ଷରୁ ୩୫ଗୋଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। କୁଚିଣ୍ଡା କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନାସହ କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁମିତା ଦଳେଇ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ ସାମଲ, ଉପଖଣ୍ଡ ଉଦ୍ୟାନ କୃଷି ଉପନିର୍ଦ୍ଦେଶିକା ସତ୍ୟଭାମା ଧାନ ଯୋଗଦେଇଥିଲେ। ସାମାଜିକକର୍ମୀ ମଳୟ ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ କୃଷି ଅଧିକାରୀ ତନୟ କୁମାର ମୁର୍ମୁ, ଚନ୍ଦ୍ରଭାନୁ ମାଝି, ଗୋଷ୍ଠୀ କୃଷି ଅଧିକାରୀ କାଦମ୍ବିନୀ ଶତପଥି, ଗଗନ ବିହାରୀ ନାୟକ, ସହକାରୀ କୃଷିଯନ୍ତ୍ରୀ ପୃଥ୍ୱୀରାଜ ଭୋଇ, ସୁଧାଂଶୁ ଶେଖର ପ୍ରଧାନ ଓ ସଞ୍ଜୁ ମୁଣ୍ଡାରୀ ପ୍ରମୁଖ ସହଯୋଗ କରିଥିଲେ। ତିନିଦିନ ଧରି ହେବାକୁ ଥିବା କୃଷିଯନ୍ତ୍ରପାତି ମେଳା ରବିବାର ଉଦ୍‌ଯାପିତ ହେବ।

